# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଜବାବ ତଲବ

**ଯାଜପୁର,୧୦।୩ (ହର୍ଷବର୍ଦ୍ଧନ ବେହେରା):**

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଗମନାଗମନ କ୍ଷେତ୍ରକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ ଶେଷ ହେବା ପରେ ମଧ୍ୟ ନିୟମିତ ରକ୍ଷଣାବେକ୍ଷଣ ପାଇଁ ବିପୁଳ କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗର କେତେଜଣ ଯନ୍ତ୍ରୀଙ୍କ ଅବହେଳା ଓ ଆନ୍ତରିକାର ଅଭାବ କାରଣରୁ ସରକାରଙ୍କ ଏହି ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ। ଏଠାରେ କୋରେଇ ଗ୍ରାମ୍ୟ ନିର୍ମାଣ ସେକ୍ସନ-୧ ଅଧୀନ ଜଗନ୍ନାଥପୁରଠାରୁ ନଡିଆଭଙ୍ଗା ଭାୟା ଛତର, କୈବଲ୍ୟଗଡିଆ ଓ ଦକ୍ଷିଣପଶି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ) ରାସ୍ତାରେ ଏଭଳି ଅବହେଳା ଦେଖିବାକୁ ମିଳିଛି। ଫେବୃଆରୀ ମାସର ନିୟମିତ ରକ୍ଷଣାବେକ୍ଷଣ ହୋଇ ନ ଥିବାରୁ ସଂପୃକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କର୍ତ୍ତବ୍ୟରେ ଅବହେଳା ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା ପାଇଁ ଯନ୍ତ୍ରୀ ବେହେରାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ନାହିଁ ବୋଲି ନୋଟିସରେ ଚେତାବନୀ ଦିଆଯାଇଛି।

ଯାଜପୁର ଜିଲାରେ ବିଶେଷକରି ରାସ୍ତା ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ନାମରେ ଠିକାଦାରୀ ରାଜନୀତି ଅଣାୟତ୍ତ ହେବାରେ ଲାଗିଛି। ଫଳରେ ବିଭିନ୍ନ ଯୋଜନାରେ ହେଉଥିବା ରାସ୍ତା ନିର୍ମାଣ ଅତି ନିମ୍ନମାନର ହୋଇ ଦୀର୍ଘସ୍ଥାୟୀ ହୋଇ ପାରୁନାହିଁ। ଏଥିରେ ପୁଣି ମରାମତି ଓ ନିୟମିତ ରକ୍ଷଣାବେକ୍ଷଣ ନାମରେ ବିପୁଳ କୋଟି ଟଙ୍କା ବ୍ୟୟ କରାଯାଉଛି। କେତେଜଣ ରାଜନୈତିକ କର୍ମୀଙ୍କୁ ପୋଷିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ଅର୍ଥକୁ ମାଧ୍ୟମ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି, ଯାହାର ଜ୍ୱଳନ୍ତ ଉଦାହରଣ ଜଗନ୍ନାଥପୁରଠାରୁ ନଡିଆଭଙ୍ଗା ପିଏମ୍‌ଜିଏସ୍‌ୱାଇ ରାସ୍ତାରେ ଦେଖିବାକୁ ମିଳିଛି। ଏହାର ନିୟମିତ ରକ୍ଷଣାବେକ୍ଷଣ ହୋଇ ନ ଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ଦବି ଯାଇ ଫାଟି ଯାଇଥିବା ଦେଖିବାକୁ ମିଳିଛି। ଏଥିପାଇଁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିୟମିତ ନିର୍ଦ୍ଦେଶ ଏବଂ ବିଭାଗୀୟ କମିଶନର-କମ-ସଚିବଙ୍କ ଦ୍ୱାରା ନିଆଯାଇଥିବା ସମୀକ୍ଷା ବୈଠକ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଓଡ଼ିଶା ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗ ସଚିବ ତାଙ୍କ ସମୀକ୍ଷା ସମୟରେ ଖିଲାପୀ ଅଧିକାରୀଙ୍କ ଦରମା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମନୋଭାବ ଯୋଗୁ ପ୍ରତ୍ୟେକ ଥର ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ସମୀକ୍ଷା ବୈଠକରେ ରାଜ୍ୟ ସରକାର ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହା ସରକାରୀ କର୍ତ୍ତବ୍ୟରେ ଅବହେଳା ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅବମାନନାକୁ ଦର୍ଶାଉଛି ବୋଲି ବିଭାଗ ପକ୍ଷରୁ ଜାରିକାରଣ ଦର୍ଶାଅ ନୋଟିସରେ ଉଲ୍ଲେଖ କରାଯାଇଛି।

Pradhan Mantri Gram Sadak Yojana

- ପିଏମଜିଏସୱାଇ ରାସ୍ତାର ନିୟମିତ ରକ୍ଷଣାବେକ୍ଷଣ ନିର୍ଦ୍ଦେଶକୁ ଅଣଦେଖା
- ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଗରେ ଖାମଖିଆଲି ମନୋଭାବ

ପିଏମ୍‌ଜିଏସ୍‌ୱାଇରେ ନିର୍ମିତ ରାସ୍ତାଗୁଡିକର ମାନ ଧାର୍ଯ୍ୟ କରିବାକୁ ନ୍ୟାଶନାଲ କ୍ୱାଲିଟି ମନିଟର(ଏନକ୍ୟୁଏମ) ରହିଛି। ଏନକ୍ୟୁଏମ୍ ପକ୍ଷରୁ ନିୟମିତ ବ୍ୟବଧାନରେ ଏହି ରାସ୍ତାଗୁଡିକର ନୀରିକ୍ଷଣ କରିବା ସହ ଗ୍ରେଡ ଅନୁସାରେ ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ହୋଇଥାଏ। କିନ୍ତୁ ଏନକ୍ୟୁଏମ୍‌ର ନିର୍ଦ୍ଦେଶ ପାଳନରେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୂର୍ବରୁ ଗ୍ରାମ୍ୟ ନିର୍ମାଣ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ନିର୍ଦ୍ଦେଶରୁ ଏହା ପ୍ରମାଣିତ ହୋଇଛି। ଜିଲାର କେତେକ ପିଏମ୍‌ଜିଏସ୍‌ୱାଇ ପ୍ରକଳ୍ପର ଏନ୍‌କ୍ୟୁଏମ ନୀରିକ୍ଷଣରେ ଅସନ୍ତୋଷଜନକ ତଥା ଅନସାଟିସ୍‌ଫେକ୍ଟୋରି(ୟୁ) ରିପୋର୍ଟ ରହିଥିଲେ ହେଁ ତାହା ଏଯାଏ ମରାମତି ହୋଇନାହିଁ। ବିଡ଼ମ୍ବନା ଯେ, କେତେକ ପ୍ରକଳ୍ପ ୧୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଏମକ୍ୟୁଏମ୍ ନୀରିକ୍ଷଣ ହୋଇଥିଲେ ହେଁ ତାହା ଗାଇଡଲାଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହିକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଉଦବେଗ ପ୍ରକାଶ କରିବା ସହ ଏହା ଏକ ଗମ୍ଭୀର ଚିନ୍ତାର ବିଷୟ ଏବଂ ତୁରନ୍ତ ଏମକ୍ୟୁଏମ୍‌ର ଗାଇଡଲାଇନ ଅନୁଯାୟୀ ପିଏମଜିଏସୱାଇ ପ୍ରକଳ୍ପଗୁଡିକର ନିୟମିତ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶକୁ କୋରେଇ ଗ୍ରାମ୍ୟ ନିର୍ମାଣ ସେକ୍ସନ-୧ ପକ୍ଷରୁ ଉଲ୍ଲଂଘନ କରାଯାଇଛି।

# ଗୋରୁ ବୋଝେଇ ଗାଡ଼ି ଜବତ, ୧୦ ଗୋରୁ ଉଦ୍ଧାର



ଉଦ୍ଧାର ହୋଇଥିବା ଗୋରୁ।

**ଚଣ୍ଡିଖୋଲ/ବଡ଼ଚଣା,୧୦।୩(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ଥାନା ଅନ୍ତର୍ଗତ ଦର୍ପଣି ଗ୍ରାମରୁ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ପୋଲିସ ଜବତ କରିଛି। ଏଥିସହିତ ୬ଗୋରୁଙ୍କୁ ଉଦ୍ଧାର କରିଛି। ଗାଡ଼ିରେ ୧୦ଟି ଗୋରୁ ବୋଝେଇ କରି ବାହାରକୁ ଚାଲାଣ କରାଯାଉଥିଲା। ଖବର ପାଇ ସୋମବାର ରାତିରେ ବଡ଼ଚଣା ଥାନାଧିକାରୀ ଜଗଦୀଶ କର ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଗାଡ଼ିଜବତ କରିଥିଲେ। କୌଶଳକ୍ରମେ ଚାଳକ ଫେରାର ହୋଇଯାଇଥିଲେ। ଜବତଗାଡ଼ିକୁ ପୋଲିସ ଥାନାକୁ ଆଣିବା ସହ ସେଥିରେ ଥିବା ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାକୁ ପଠାଇଥିଲା। ଏନେଇ ଥାନାରେ ନମ୍ବର ୯୧/୨୬ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ନାବାଳିକା ଗର୍ଭବତୀ, ଅଭିଯୁକ୍ତ ଗିରଫ



**ପାଣିକୋଇଲି,୧୦।୩ (ବିକାଶ ଚନ୍ଦ୍ର ମଲ୍ଲିକ):**

ନାବାଳିକାଙ୍କୁ ଗର୍ଭବତୀ କରାଇବା ଅଭିଯୋଗରେ ପାଣିକୋଇଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ରାଇସୁଆ ବାରିଗାଁ ଗ୍ରାମର ସିଦ୍ଧାନ୍ତ ମୁଣ୍ଡା(୨୧)।

ଅଭିଯୋଗ ମୁତାବକ, ପାଣିକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକା(୧୫) ଗର୍ଭବତୀ ହୋଇ ଯାଜପୁର ଜିଲା ସଦର ମହକୁମା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏନେଇ କୋରେଇ ସିଡିପିଓ ଶାନ୍ତିଲତା ବେସ୍ରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୭୦/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଆଇ ବିଶ୍ୱରଞ୍ଜନ ଦାସ ମାମଲାର ତଦନ୍ତ କରିଥିଲେ। ସେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ନାବାଳିକାଙ୍କଠାରୁ ଅଭିଯୁକ୍ତଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ। ନାବାଳିକାଙ୍କ ମା'ଙ୍କ ମୃତ୍ୟୁପରେ ସେ ବେସାହାରା ହୋଇପଡ଼ିବାରୁ ଦେଢ଼ବର୍ଷ ହେବ ଅଭିଯୁକ୍ତଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ନାବାଳିକା ଗର୍ଭବତୀ ହୋଇଥିଲେ ବୋଲି କହିଥିଲେ।

# ସରିଲା କାଳିଆଘୋଡ଼ା ଦୋଳ ମେଳଣ



କାଳିଆଘୋଡ଼ା ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ।

**ଜେନାପୁର,୧୦।୩(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀଡ଼ିହ ପଞ୍ଚାୟତର କାଳିଆଘୋଡ଼ା ମେଳଣ କମିଟି ଆନୁକୂଲ୍ୟରେ ଆୟୋଜିତ ୪୭ତମ କାଳିଆଘୋଡ଼ା ମେଳଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସାହାଣୀଡ଼ିହ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସାମାଜିକ କର୍ମୀ ମିନତି ସାହୁ ଯୋଗଦେଇ ରାଧାକୃଷ୍ଣଙ୍କ ଆଶୀର୍ବାଦ ଲାଭ କରିଥିଲେ। ମେଳଣରେ ଶ୍ରୀଶ୍ରୀ ଗୋପାଳ ଲାଲଜୀଉ କଠଣି ମଠ, ଶ୍ରୀଶ୍ରୀ ରାଧାବୃନ୍ଦାବନ ଜୀଉ କୃଷ୍ଣଚନ୍ଦ୍ରପୁର, ଲୁଣିବେର, କୁକୁଡ଼ା ଖାଳେଇ, ନିହଲପ୍ରସାଦ, ନୂଆଁସାହି, ପୁରୁଣା ବଉଳମାଳ, ମହିଶରା, ନୂଆଁହାଟ ଓ ଅଭୟପୁର ସମେତ ୧୧ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣ ଦୋଳ ବିମାନ ଏକତ୍ରିତ ହୋଇଥିଲେ। ସଙ୍କୀର୍ତ୍ତନ ଓ ଅବିର ଖେଳ ସହିତ ବାଜା, ବାଣ, ରୋଶଣୀ, ଘୋଡ଼ାନାଚ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବିମାନଗୁଡ଼ିକ ମେଳଣପଡ଼ିଆରେ ପହଞ୍ଚିଥିଲେ। ଦୋଳ ବିମାନ ଏକତ୍ରିତ ହେବାପରେ ଠାକୁରଙ୍କୁ ଭୋଗ ନୈବେଦ୍ୟ ସହିତ ଦକ୍ଷିଣା ପ୍ରଦାନ କରାଯାଇଥିଲା। ଶ୍ରୀଗୋପାଳ ଲାଲଜୀଉ ମଠ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ। ସମସ୍ତ ଦୋଳବିମାନର ମୁଖ୍ୟ ପରିଚାଳକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ପରିଚାଳନା କମିଟିର ହରିହର ଭୂୟାଁ, ବାବୁଲି ସାମଲ, ପ୍ରଫୁଲ୍ଲ ଜେନା, ଶିବପ୍ରସାଦ ଜେନା, ବିନୋଦ ବିହାରୀ ପରିଡ଼ା, ବଳରାମ ରାଉତ, କୁଳଚନ୍ଦ୍ର ମହାନ୍ତି, ବିଜୟ ମହାନ୍ତି, ନକୁଳ ମହାନ୍ତି, ଆନନ୍ଦ ଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀଧର କରଣ ଓ ଶିବପ୍ରସାଦ ପରିଡ଼ାଙ୍କ ସମେତ ମେଳଣ କମିଟିର ସମସ୍ତ ସଭ୍ୟ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଜେନାପୁର ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

**୧୧ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣ ଦୋଳବିମାନ ଏକତ୍ରିତ**

# ୨୦ରେ ସନାତନ ଧର୍ମ ସମ୍ମିଳନୀ

**ଧର୍ମଶାଳା,୧୦।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାଶୁଣୀ ପୀଠରେ ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ୨୯ତମ ସନାତନ ଧର୍ମ ସମ୍ମିଳନୀ ପାଇଁ ଭିକାରୀ ଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଭକ୍ତ ସମ୍ମିଳନୀ ଆସନ୍ତା ୨୦ ତାରିଖରୁ ଆରମ୍ଭ ହୋଇ ୩ ଦିନ ଧରି ଚାଲିବ। ଏହି ଅବସରରେ ଷୋଡ଼ଶ ଉପଚାର ପୂଜା, ନଗର ପରିକ୍ରମା, ଭଜନ, କୀର୍ତ୍ତନ, ପ୍ରବଚନ, ପାଲା, ଓଡ଼ିଶୀ ନୃତ୍ୟ, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଶାନ୍ତି ଧାମର ବରିଷ୍ଠ ସାଧୁ ସଦାନନ୍ଦ ଦାସ ମହାରାଜ, ହରେକୃଷ୍ଣ ଦାସ ମହାରାଜ ଯୋଗ ଦେବେ। ପ୍ରବଚକଭାବେ ବାବାଜୀ ବିଶ୍ୱନାଥ ଦାସ, ବାବାଜୀ ଦିବାକର ଦାସ ମହାରାଜ, ପ୍ରେମ ସାଗର ବାବା ଅରକ୍ଷିତ ଦାସ, ସତ୍ୟ ପ୍ରଜ୍ଞାନନ୍ଦ ଦାସ ମହାରାଜ, ଶରଣାରବିନ୍ଦ ଓଝା, ପ୍ରଶାନ୍ତ କୁମାର ଷଡ଼ଙ୍ଗୀ ଓ ପ୍ରବଚିକ ଭାବେ ପ୍ରତିଭା ମହାରଥୀ ଯୋଗ ଦେବେ। ଏହି ଅବସରରେ 'ଆଶା ରହିଗଲା କରମଳାରେ' ଓ 'ଦିନେ ନଖୋଜିଲ ଦିନବନ୍ଧୁଙ୍କୁ' ଲୀଳା ନାଟକ ପରିବେଷଣ କରାଯିବ। ଅନୁଷ୍ଠିତ ବୈଠକରେ ଧର୍ମସମ୍ମିଳନୀର ଜିଲା ସଭାପତି ଅଶୋକ କୁମାର ରାଉତ, ପ୍ରଫୁଲ୍ଲ କୁମାର ନାୟକ, ସୁକୁମାର ମହାନ୍ତି, ଭାଗ୍ୟଧର ମହାନ୍ତି, ଦୀପକ କୁମାର ଦାସ, ରାମ ଚନ୍ଦ୍ର ସାହୁ, ଚିନ୍ତାମଣି ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଯାଜପୁର ଜିଲା ଭକ୍ତ ସମ୍ମିଳନୀର ସମ୍ପାଦକ ଶ୍ରବସ୍ତ ପାଢ଼ୀ ଜାରକାଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଯାଜପୁର ସର୍ବୋଦୟ ମଣ୍ଡଳର ସାଙ୍ଗଠନିକ ବୈଠକ

**ବଡ଼ଚଣା,୧୦।୩(ଦିଲୀପ କୁମାର ମହାନ୍ତି):**

ଯାଜପୁର ଜିଲା ସର୍ବୋଦୟ ମଣ୍ଡଳର ସାଙ୍ଗଠନିକ ବୈଠକ ଧାନମଣ୍ଡଳଠାରେ ସଭାପତି ରାମଚନ୍ଦ୍ର ଶୁକ୍ଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଚଣା ବ୍ଲକର ସଂଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟ କମିଟି ସଭ୍ୟ ତପନ କୁମାର ବେହେରା ସାଙ୍ଗଠନିକ ଆଲୋଚନା ସମ୍ପର୍କରେ ପ୍ରଥମେ ସୂଚନା ପ୍ରଦାନ କରିଥିଲେ। ସଭାପତି ଶୁକ୍ଳ ଯାଜପୁର ଜିଲାର ସମସ୍ତ ବ୍ଲକର ସଂଗଠନ ସମ୍ପର୍କରେ ଆଲୋଚନା କରିବା ସହ ସଭ୍ୟ ସଂଗ୍ରହ ପାଇଁ ତପନ ବେହେରା, ଗୁରୁଚରଣ ବାରିକ ଓ ପୀତାମ୍ବର ପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ବଡ଼ଚଣା ବ୍ଲକ ସଭାପତି ବୀରକିଶୋର ପ୍ରଧାନ ବଡ଼ଚଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ ସଦସ୍ୟଙ୍କୁ ନିବେଦନ କରିଥିଲେ। ପ୍ରତି ମାସର ଶେଷ ରବିବାର ସଂଗଠନ ସମ୍ପର୍କରେ ବୈଠକ କରିବା ପାଇଁ ସ୍ଥିର କରାଯାଇଥିଲା।

# ଦେଶୀ ମଦ ଜବତ, ବେପାରୀ ଗିରଫ

ପାଣିକୋଇଲି,୧୦।୩(ବିକାଶ ଚନ୍ଦ୍ର ମଲ୍ଲିକ):

ପାଣିକୋଇଲି ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ସମୟରେ ଦେଶୀ ମଦ ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲା ଘଣ୍ଟେଶ୍ୱର ଅଞ୍ଚଳର ନରେନ୍ଦ୍ର ବେହେରା(୩୮)। ଏସ୍‌ଆଇ ସୁମିତ କୁଜୁରୁ ପାଟ୍ରୋଲିଂ କରୁଥିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥକଡ଼ ମରିପୁର ଗ୍ରାମ ନିକଟରେ ଏକ ହୋଟେଲ ପାଖରେ ଚୋରା ମଦ ବିକ୍ରି ହେଉଥିବା ଖବର ପାଇ ଚଢ଼ାଉ କରିଥିଲେ। ସେଠାରେ ସନ୍ଦେହ ଜନକ ଅବସ୍ଥାରେ ଏକ ଜରି ବ୍ୟାଗ ସହ ଜଣକୁ ଧରିଥିଲେ। ତାଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ବାହାରିଥିଲା। ଏହାପରେ ଏସ୍‌ଆଇ କୁଜୁରୁ ତାଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ନଂ. ୭୪/୨୬ରେ ଏକ ମାମଲା ରୁଜୁ ହୋଇଛି।

# ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ:ପୂର୍ବତନ ସରପଞ୍ଚ ଗିରଫ

**ଚଣ୍ଡିଖୋଲ,୧୦।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ବଡ଼ଚଣା ପୋଲିସ ରାଧାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଜଗଦୀଶ କର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ରାଧାଦେଇପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ସୁଦର୍ଶନ ସାମଲ(୭୨) ଗତ ୮ ତାରିଖ ରାତିରେ ନିଜ ଘରକୁ ଯାଉଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆଶିଷ ରଞ୍ଜନଙ୍କ ଭାଇ ମାନସ ଓ ବାପା ପ୍ରଫୁଲ ସୁଦର୍ଶନଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସୁଦର୍ଶନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ପରିବାର ଲୋକେ ପହଞ୍ଚି ସୁଦର୍ଶନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଗତ ୯ ତାରିଖରେ ଏନେଇ ସୁଦର୍ଶନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଥାନାରେ ନମ୍ବର ୮୭/୨୬ରେ ମାମଲା ରୁଜୁ କରାଯାଇଥିଲା।

# ବେଆଇନ କଳାପଥର ଖାଦାନରେ ଶ୍ରମିକଙ୍କ ମୃତ୍ୟୁ

**ଦୁର୍ଘଟଣାର ରୂପ ଦେଇ ଚପାଇଦେବାକୁ ଉଦ୍ୟମ**



ଓଲଟି ପଡ଼ିଥିବା ଟ୍ରାକ୍ଟରକୁ ଜେସିବି ସାହାଯ୍ୟରେ ଉଠାଯାଉଛି।

**ଯାଜପୁର/ଜେନାପୁର(ହର୍ଷବର୍ଦ୍ଧନ ବେହେରା/ଅଶୋକ ଦାସ),୧୦।୩:**

ଯାଜପୁର ଜିଲା ଜେନାପୁର ଥାନା ଅଧୀନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ(ପିଆର୍‌ଏଫ୍)କୁସୁନପୁର ପାହାଡ଼ର ଏକ ବେଆଇନ କଳାପଥର ଖାଦାନରେ ମଙ୍ଗଳବାର ସକାଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ଜଣକ କମାଗଡ଼ ବେତମାଳି ଶାସନ ଗ୍ରାମର ପଙ୍କଜ ଭୂୟାଁ (୩୬) ବୋଲି ଜଣାପଡ଼ିଛି। ଏହାପରେ ସମ୍ପୃକ୍ତ ପଥର ମାଫିଆ ନିଜକୁ ସୁରକ୍ଷିତ ରଖିବା ପାଇଁ ଛତ୍ରଭଙ୍ଗ ଦେବା ସହିତ ଘଟଣାକୁ ଚପାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

ସୂଚନା ମୁତାବକ, ମୃତ ଶ୍ରମିକ ପଙ୍କଜ କଳାପଥର ବୋଝେଇ ଟ୍ରାକ୍ଟରରେ ଯାଉଥିଲେ। ଏହି ସମୟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଶ୍ରମିକ ଜଣକ ଟ୍ରାକ୍ଟରରେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମାତ୍ର ସମ୍ପୃକ୍ତ କଳାପଥର ମାଫିଆ ଏହାକୁ ସଡ଼କ ଦୁର୍ଘଟଣାର ରୂପ ଦେବା ପାଇଁ ତୁରନ୍ତ ଅଭିନବ ଉଦ୍ୟମ ଆରମ୍ଭ କରିଥିଲେ। ଘଟଣା ପ୍ରଚାର ହେବା ପୂର୍ବରୁ ସେ ମୃତ ଶ୍ରମିକଙ୍କୁ ମେଡିକାଲ ନେଇଯାଇଥିଲେ। ଏହାବ୍ୟତୀତ ଦୁର୍ଘଟଣାଗ୍ରସ୍ତ ଗାଡିକୁ ମାଫିଆ ଏକ ଜେସିବି ମେଶିନ ସାହାଯ୍ୟରେ ଉକ୍ତ ସ୍ଥାନରୁ ନେଇ ଯିବାକୁ ପ୍ରୟାସ କରିଥିଲେ। ପୋଲିସ ଏକଥା ଜାଣିବା ପରେ ନମ୍ବର ୬୬/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅନ୍ୟପକ୍ଷରେ ନିଜ ସ୍ୱାର୍ଥ ସାଧନ ପାଇଁ ବେଆଇନ କଳାପଥର ଖାଦାନ ଓ ଅନୁମୋଦନଠାରୁ ଢେର ଗୁଣ ଅଧିକ ଉତ୍ତୋଳନ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପ୍ରଶାସନ ଓ ଲୋକପ୍ରତିନିଧି ଓଲଟା ଏଥିରେ ସଂପୃକ୍ତ ପ୍ରଭାବଶାଳୀ ଲୋକଙ୍କ ସହଯୋଗୀ ପାଲଟିଛନ୍ତି। ଫଳରେ ଗତ ୭ ବର୍ଷ ମଧ୍ୟରେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ବିଭିନ୍ନ କଳାପଥର ଖାଦାନ ଓ କ୍ରସରଗୁଡ଼ିକରେ ୪୫ ଶ୍ରମିକଙ୍କ ମୃତ୍ୟୁ ହୋଇସାରିଛି। ସେଥିମଧ୍ୟରୁ ୧୫।୫।୨୦୨୪ରେ ଉଙ୍କାରୀ ପାହାଡ ଧସି ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏନେଇ ୟୁଥ ୟୁନାଇଟେଡ ଫର ସଷ୍ଟେନେବୁଲ ଏନର୍ଭାମେଣ୍ଟ ଟ୍ରଷ୍ଟ ପକ୍ଷରୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୪୭/୨୦୨୪/ଇଜେଡରେ ଏକ ମାମଲା ରୁଜୁ ହୋଇଥିଲା। କଟକ ଫରେଷ୍ଟ ଡିଭିଜନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶର ୫୫ ବର୍ଷର ଅପେକ୍ଷା ପରେ ମଧ୍ୟ ଡାଳିଯୋଡା ରେଞ୍ଜ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ(ପିଆର୍‌ଏଫ୍)କୁ ଏଯାଏ ସଂରକ୍ଷିତ ଜଙ୍ଗଲ(ଆର୍‌ଏଫ୍) ଭାବେ ଘୋଷଣା କରାଯାଇ ପାରିନାହିଁ। ଏହାର ସୁଯୋଗରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ସଂପୃକ୍ତ ୪୩୪୬.୭୫ ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ ଅଧିକାଂଶ ଅଞ୍ଚଳରେ ବେଆଇନ ଭାବେ କଳାପଥର, ମୋରମ, ମାଙ୍କଡା ପଥର ଖାଦାନ ଚଳାଇଛନ୍ତି। ଏଥିଯୋଗୁ ହଜାରହଜାର ହେକ୍ଟର ଘନ ଜଙ୍ଗଲ ସହ ଜୈବବିବିଧତା ନଷ୍ଟ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ସରକାରୀସ୍ତରରେ ଅଭିଯୋଗ କରାଗଲେ ଜଙ୍ଗଲ ଓ ରାଜସ୍ୱ ବିଭାଗ ଦୋଷ ଲଦାଲଦିରେ ବ୍ୟସ୍ତ ରହି ବର୍ଷବର୍ଷ ଧରି ସମୟ ଗଡାଇ ଚାଲିଛନ୍ତି। ଏଭଳି ସ୍ଥିତିରେ ଉଭୟ ବିଭାଗ କାର୍ଯ୍ୟର ସ୍ୱଚ୍ଛତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପାଣିକୋଇଲି ମିଳନ ଉତ୍ସବ ପାଇଁ ବଜାର ସଫେଇ



**ପାଣିକୋଇଲି,୧୦।୩(ବିକାଶ ଚନ୍ଦ୍ର ମଲ୍ଲିକ):**

ପାଣିକୋଇଲିର ୪୧ତମ ମିଳନ ଉତ୍ସବ ମଙ୍ଗଳବାର ରାତ୍ରିରୁ ଆରମ୍ଭ ହୋଇ ବୁଧବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲୁରହିବ। ଏହି ଉପଲକ୍ଷେ ପାଣିକୋଇଲି ପଞ୍ଚାୟତ ପକ୍ଷରୁ ସରପଞ୍ଚ ପଦ୍ମାବତୀ ପଣ୍ଡା ଓ ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରମିକଙ୍କୁ ନେଇ ବଜାର ସଫେଇ କରାଯାଇଛି।

## ଗଛରେ ଝୁଲିପଡ଼ିଲେ ଯୁବକ

ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ଥାନା ଖଣ୍ଡତରୀ ନଦୀପଠାରେ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେ ହେଲେ ସ୍ଥାନୀୟ ଗ୍ରାମର ଚିତ୍ତରଞ୍ଜନ ମଲ୍ଲିକଙ୍କ ପୁଅ ଶୁଭମ (୨୯)। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ତାଙ୍କ ମୃତ୍ୟୁକୁ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଛି। ନଦୀ ପଠାରେ ଶୁଭମଙ୍କୁ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ପରିବାର ଲୋକେ ଶୁଭମଙ୍କୁ ତଳକୁ ଆଣି ଡାକ୍ତରଖାନାକୁ ପଠାଇଥିଲେ।

# ଜମଧରରୁ ଜଜାଙ୍ଗ, ଗୋପରୁ ଓସ୍ତପୁର ପରିସୀମା ଦାବି

■୧୫୭ ବର୍ଷର ମ୍ୟୁନିସିପାଲିଟି କେନ୍ଦ୍ରାପଡ଼ା
■ପୌରାଞ୍ଚଳର ୬୮ ପ୍ରତିଶତ ଶ୍ରମିକ ଶ୍ରେଣୀର
■ଐତିହ୍ୟସ୍ଥଳୀର ସୁରକ୍ଷା ସହ ମ୍ୟୁଜିୟମ ଆବଶ୍ୟକ




କେନ୍ଦ୍ରାପଡ଼ା, ୧୦।୩ (ଜଗନ୍ନାଥ ଧଳ)

ମାର୍ଚ୍ଚ ୧୦ ତାରିଖରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଘୋଷଣାକୁ ୧୫୭ବର୍ଷ ପୂରଣ ହୋଇଛି। ଏହି ସମୟ ଅବଧି ମଧ୍ୟରେ ପୌରାଞ୍ଚଳର ସୀମା ବୃଦ୍ଧି ଘଟିଛି। ସେହି ପରିମାଣରେ ଜନସଂଖ୍ୟା ବୃଦ୍ଧି ହୋଇଛି। ୬୮ ପ୍ରତିଶତ ଶ୍ରମିକ ରହୁଥିବା ଏହି ମ୍ୟୁନିସିପାଲିଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ମ୍ୟୁନିସିପାଲିଟିକୁ ଏକ ସ୍ୱତନ୍ତ୍ର ଜିଲା ପାହ୍ୟା ପରି ମାନ୍ୟତା ଥିଲେ ମଧ୍ୟ ଅଧିକାଂଶ ଲୋକ ଗରିବୀକୁ ନେଇ ସଂଘର୍ଷ କରୁଛନ୍ତି। ସେହିପରି ସହର ମଧ୍ୟରେ ଥିବା ବିଭିନ୍ନ ଐତିହ୍ୟସ୍ଥଳୀର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଅବହେଳାର ଶିକାର ହେଉଛି। ଦ୍ରୁତ ଜନସଂଖ୍ୟା ବୃଦ୍ଧିରେ ଥିବା ସହରର ପରିସୀମା ଏବେ ଜମଧରରୁ ଜଜାଙ୍ଗ, ଗୋପରୁ ଓସ୍ତପୁର ପର୍ଯ୍ୟନ୍ତ ଅଛି। ଏହା ପୌରାଞ୍ଚଳ ମଧ୍ୟରେ ସାମିଲ ହେଲେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିବ। ଫଳରେ ସହରର ଉନ୍ନତୀକରଣ ପାଇଁ ସିଟି ହସ୍ପିଟାଲ, ସ୍ୱେରେଜ ସିଷ୍ଟମ, ଟ୍ରାଫିକ ବ୍ୟବସ୍ଥା, ପାନୀୟ ଜଳର ଆବଶ୍ୟକତା ପଡ଼ିବ। ଏ ନେଇ ପ୍ରଶାସକ ଓ ପୌରାଞ୍ଚଳ ପରିଷଦ ତତ୍ପର ହେବା ଆବଶ୍ୟକ ବୋଲି ସହରର ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

୧୮୬୯ ମସିହାରେ ଲର୍ଡ ମାୟୋଙ୍କ ଶାସନ ସମୟରେ କଲିକତା, ଓଡ଼ିଶା ଓ ବିହାର ପ୍ରେସିଡେନ୍ସି ମଧ୍ୟରେ ଥିବା କେନ୍ଦ୍ରାପଡ଼ାର ମାତ୍ର ୧୪ଟି ପଡ଼ାକୁ ନେଇ ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟିର ମାନ୍ୟତା ମିଳିଥିଲା। ଏହି ଘୋଷଣା ପରେ ସ୍ଥାନୀୟ ଅଞ୍ଚଳର ସହରୀକରଣ ବ୍ୟବସ୍ଥା ଆରମ୍ଭ ହେଲା। ସେହି ସମୟରେ ଇଂରେଜ ସରକାର ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଟ୍ୟାକ୍ସ ଆଦାୟ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦିର ଉନ୍ନୟନ ବ୍ୟବସ୍ଥା କରିଥିଲେ। ମ୍ୟୁନିସିପାଲିଟି ମଧ୍ୟ ଦେଇ ପ୍ରବାହିତ ମଧୁସାଗରର ପାଣି ଜନଜୀବନକୁ ବଞ୍ଚାଇ ରଖିଥିଲା। ଇତିମଧ୍ୟରେ ମଧୁସାଗରରେ ଜଳ ପ୍ରବାହ ବନ୍ଦ ହୋଇଛି। ଏହାର ଜଳ ନିଷ୍କାସନ ପଥ ଉପରେ ବାସଗୃହ ନିର୍ମାଣ ହୋଇଛି। ଗୋବରୀ ନଦୀ ଓ କେନାଲ ଏବେ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇ ସହରବାସୀଙ୍କ ପାଇଁ ଦୁଃଖ ସାଜିଛି। ସେହିପରି ମଧୁସାଗରର କେତେକ ଅଂଶ ଅଳିଆ ଓ ଦଳ ଭର୍ତ୍ତି ହୋଇ ମଶାମାଛିଙ୍କ ଅନ୍ତୁଡ଼ିଶାଳ ପାଲଟିଛି। ରାସ୍ତା ଜବରଦଖଲରେ ରହୁଥିବାରୁ ସ୍ୱେରେଜ ସିଷ୍ଟମ ପ୍ରତି ଅଣଦେଖା ହେଉଛି। ବିଜୁ ପଟ୍ଟନାୟକ ପାର୍କ ବଣବୁଦାରେ ପରିଣତ ହୋଇଥିବା ବେଳେ ଟ୍ରାଫିକ ସମସ୍ୟା ଗୁରୁତର ହୋଇଛି। ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟି, ବିଦ୍ୟୁତ ଟ୍ରାନ୍ସଫର୍ମର, ବୁଲା ଗୋରୁ, ଭେଣ୍ଡିଂ ଜୋନ ସହିତ ପୌରବାସୀ ବିଭିନ୍ନ ସମସ୍ୟାରେ ପଡ଼ିଛନ୍ତି। ସହରର ପରିକଳ୍ପନାରେ ସାଂସ୍କୃତିକ ଓ ଐତିହ୍ୟ ବିଭବକୁ ଗୁରୁତ୍ୱ ଦିଆଯାଇଥାଏ। ମାତ୍ର ଏହି ମ୍ୟୁନିସିପାଲିଟିରେ ଏହାକୁ ଗୁରୁତ୍ୱାରୋପ ବଦଳରେ ଅବହେଳା କରାଯାଉଛି। ରାଜ୍ୟ ପର୍ଯ୍ୟଟନସ୍ଥଳୀ ଶ୍ରୀବଳଦେବଜୀଉ ମନ୍ଦିର, ସୂର୍ଯ୍ୟଘଡି ସହିତ ୧୫୦ ବର୍ଷ ପୂର୍ବର ଡାଇମଣ୍ଡ ଜୁବିଲି ପାଠାଗାର ପର୍ଯ୍ୟନ୍ତ ଅବହେଳାର ଶିକାର ହୋଇଛି। ତଥ୍ୟ ଅନୁଯାୟୀ, ପ୍ରାୟ ୧୧ ବର୍ଗ କିଲୋମିଟର ଅଞ୍ଚଳରେ ଥିବା ଏହି ମ୍ୟୁନିସିପାଲିଟିରେ ୨୧ ୱାର୍ଡ ଅଛି। ୨୦୧୧ ଜନଗଣନା ସମୟରେ ୪୭ ହଜାର ବାସିନ୍ଦା ଥିବାବେଳେ ୨୦୨୬ ସୁଦ୍ଧା ଏହି ସଂଖ୍ୟା ୮୦ ହଜାରରୁ ଊର୍ଦ୍ଧ୍ୱ ହୋଇଛି। ତତ୍କାଳୀନ ଜନଗଣନା ସମୟରେ ସହର ମଧ୍ୟରେ ହିନ୍ଦୁ ଧର୍ମାବଲମ୍ବୀ ୬୭.୯୭ ପ୍ରତିଶତ, ମୁସଲମାନ ସମ୍ପ୍ରଦାୟ ୩୧.୬୩ ପ୍ରତିଶତ ଓ ଅନ୍ୟାନ୍ୟ ୦.୪ ପ୍ରତିଶତ ଥିଲେ। ପୌରବାସୀଙ୍କ ମଧ୍ୟରୁ ମାତ୍ର ୩୧.୭ ପ୍ରତିଶତ କର୍ମ ସଂସ୍ଥାନରେ ନିୟୋଜିତ ଥିବାବେଳେ ଅବଶିଷ୍ଟ ଦାରିଦ୍ର୍ୟ ସୀମାରେଖା ତଳ ଅଛନ୍ତି। କର୍ମଜୀବୀ ମହିଳାଙ୍କ ସଂଖ୍ୟା ମାତ୍ର ୮.୯ ପ୍ରତିଶତ ଥିବା ଏହି ତଥ୍ୟରୁ ମିଳିଛି। ସହର ମଧ୍ୟରେ ଗୋଟିଏ ମଧ୍ୟ ଶିଳ୍ପ ସଂସ୍ଥା ନାହିଁ। ସେହିପରି ଐତିହ୍ୟସ୍ଥଳୀର ସୁରକ୍ଷା ସହ ଜିଲା ମଧ୍ୟରେ ଥିବା ଐତିହ୍ୟ ସମ୍ପଦର ସୁରକ୍ଷା ପାଇଁ ଏକ ମ୍ୟୁଜିୟମର ଦାବି ବହୁବାର ହୋଇଛି। ଅପରପକ୍ଷରେ ପୌରାଧକ୍ଷା ସରିତା ସାହୁଙ୍କୁ ପଚାରିବାରେ ପୌରାଞ୍ଚଳର ବିକାଶ ପାଇଁ ପୌର ପରିଷଦ ବିଶେଷ ଧ୍ୟାନ ଦେଇଛନ୍ତି। ଗତ ୪ ବର୍ଷରେ ସହର ମଧ୍ୟରେ ବହୁ ଉନ୍ନୟନ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।

## ଅଗ୍ନିକାଣ୍ଡରେ ୭ ବଖରା ପୋଡ଼ି ପାଉଁଶ


ଭାଜପା ଉପସଭାନେତ୍ରୀ ମନୀଷା ପଣ୍ଡା ଅଗ୍ନି ବିପନ୍ନଙ୍କୁ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝୁଛନ୍ତି।

ପାଟକୁରା, ୧୦।୩(ରବୀନ୍ଦ୍ର ନାଥ ବାରିକ )

ଗରଦପୁର ବ୍ଲକ ତେଣ୍ଡାକୁଡା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କୁଳମଣି ମଲ୍ଲିକ ଓ ଧୂଳ ମଲ୍ଲିକ ୨ ପରିବାରର ୭ ବଖରା ଚାଳଛପର ନିଆଁରେ ପୋଡି ପାଉଁଶ ହୋଇଯାଇଛି। ଘରର ସମସ୍ତ ଆସବାବପତ୍ର, ଧାନ, ଚାଉଳ ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଖବରପାଇ କୋରୁଆ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କଲାବେଳକୁ ସବୁ ପୋଡି ଯାଇଥିଲା। ଅଗ୍ନି ବିପନ୍ନ ପରିବାର ଏବେ ଖୋଲା ଆକାଶ ତଳେ ପଡି ରହିଛନ୍ତି। ତୁରନ୍ତ ବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହି ଦୁଃଖଦ ଖବର ପାଇବା ପରେ ଜିଲା ଭାଜପା ଉପସଭାନେତ୍ରୀ ମନୀଷା ପଣ୍ଡା ମଙ୍ଗଳବାର ଅପରାହ୍ଣରେ ବିପନ୍ନ ୨ ପରିବାରଙ୍କୁ ଭେଟି ଶୁଖିଲା ଖାଦ୍ୟ ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଭାଜପା ନେତା ମାନସ ଦାସ ଏବଂ ଶୁଭମ ସ୍ୱାଇଁ ମଧ୍ୟ ଅଗ୍ନି ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଜବତ

ରାଜକନିକା,୧୦।୩ (ସଞ୍ଜୟ କୁମାର ଦାଶ): ରାଜକନିକା କନିକା ତହସିଲ ଅଞ୍ଚଳରେ ଦିନକୁ ଦିନ ବେଆଇନ ମାଟି ଚୋରା କାରବାର ବଢ଼ି ଚାଲିଛି। ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ସିହପଡା ପଞ୍ଚାୟତରେ ଏକ ପଞ୍ଚାୟତ ପୋଖରୀକୁ ଖୋଳି ରାସ୍ତା କମ ୨ ଦିନ ହେବ ଚାଲୁଛି। ହେଲେ ସ୍ଥାନୀୟ ଆରଆଇ, କନିକା ତହସିଲ ପ୍ରଶାସନ ପାଖରେ କୌଣସି ଖବର ନାହିଁ। ମଙ୍ଗଳବାର ପେଗରପଡ଼ା ରାସ୍ତାରୁ ଏକ ବେଆଇନ ମାଟି ବଜେଇ ଟ୍ରାକ୍ଟରକୁ କନିକା ତହସିଲଦାର ଭାନୁମତି ମାଝୀ ଜବତ କରିଛନ୍ତି। ଟ୍ରାକ୍ଟରକୁ କନିକା ତହସିଲ ପରିସରରେ ରଖି ଖଣି ଅଧିକାରୀଙ୍କ ହସ୍ତାନ୍ତର କରାଯାଇଛି। ସିହାପଡାରେ ବେଆଇନ ପୋଖରୀ ଖୋଳାକୁ ବନ୍ଦ କରାଯାଇଛି। ବିଭିନ୍ନ ସମୟରେ ଚଢ଼ାଉ ମଧ୍ୟ କରାଯଉଛି ବୋଲି କନିକା ତହସିଲଦାର ମାଝୀ କହିଛନ୍ତି।

## ଦେଶ ସୁରକ୍ଷାରେ ସିଆଇଏସ୍ଏଫ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ


ସିଆଇଏସ୍ଏଫ୍‌ର ପ୍ରତିଷ୍ଠା ଦିବସରେ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

### ସିଆଇଏସ୍ଏଫ୍‌ର ୫୭ ତମ ପ୍ରତିଷ୍ଠା ଦିବସ

ପାରାଦୀପ, ୧୦।୩(ଶରତ ରାଉତ)

ପାରାଦୀପ ଷଣ୍ଢକୁଦକୁଦ ସ୍ଥିତ ସିଆଇସ୍ଏଫ ବାରାକ ପରିସରରେ ମଙ୍ଗଳବାର ସିଆଇଏସ୍ଏଫ (କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ)ର ୫୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଡେପୁଟି କମାଣ୍ଡାଣ୍ଟ ମନୋଜ ଚୌହାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିଆଇଏସ୍ଏଫ୍‌ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଦେଶର ଅର୍ଥନୈତିକ ଦ୍ୱାର ହେଉଛି ବନ୍ଦର। ଏହାର ସୁରକ୍ଷା ଓ ନିରାପତ୍ତା ସବୁବେଳେ ଗୁରୁତ୍ୱପୂର୍ଣ୍ଣ ରହିଛି। ପାରାଦୀପ ବନ୍ଦର ପକ୍ଷରୁ ସିଆଇଏସ୍ଏଫ୍‌ର ଭୂମିକା ତ୍ୱରାନ୍ୱିତ କରିବା ପାଇଁ ନିଷିଦ୍ଧାଞ୍ଚଳ ମଧ୍ୟରେ ୭୨ ଉଚ୍ଚ କ୍ଷମତା ସମ୍ପନ୍ନ କ୍ୟାମେରା ଲଗାଯାଇଛି। ଆଗକୁ ତତ୍କାଳ ପଦକ୍ଷେପ ନେବା ପାଇଁ ଯାନ ଯୋଗାଇ ଦିଆଯିବ ଏବଂ ଆଧୁନିକ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ଯବାନମାନେ ବିଭିନ୍ନ ସୁରକ୍ଷା କଳା କୌଶଳ ପ୍ରଦର୍ଶନ କରିଥିଲେ । ଏଥିରେ ତାଲିମପ୍ରାପ୍ତ କୁକୁର ସାମିଲ ହୋଇଥିଲେ।

## ଅନ୍ଧୁଲି ପ୍ରାଥମିକ ବିଦ୍ୟାଳୟରେ ଶତବାର୍ଷିକ ପାଇଁ ପ୍ରସ୍ତୁତି ବୈଠକ

ମହାକାଳପଡ଼ା, ୧୦।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଅଧୀନ ଅନ୍ଧୁଲି ପ୍ରାଥନିକ ବିଦ୍ୟାଳୟ ଶତବାର୍ଷିକ ଉତ୍ସବ ଅନୁଷ୍ଠିତ ଲାଗି ପ୍ରସ୍ତୁତି ବୈଠକ କମିଟି ପକ୍ଷରୁ ସୂଚନା ମିଳିଛି। ଶତବାର୍ଷିକ ଉତ୍ସବକୁ ସରସ ସୁନ୍ଦର ଭାବେ ଶିକ୍ଷାର ସନ୍ଦେଶ ପ୍ରଦାନ କରିବ ବୋଲି ଅନ୍ଧୁଲି ମଠ ପରିସରରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ଗାଳ୍ପିକ, କବି ପ୍ରଫେସର ବାସନ୍ତୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ବିଶିଷ୍ଟ ଶିକ୍ଷାବିତ୍, ପୁରାତନ ଛାତ୍ରୀଛାତ୍ର, ମୁରବୀମାନେ ଯୋଗଦେଇଥିଲେ। ବିଶିଷ୍ଟ କବି ତଥା ଭାରତୀୟ ରେଳବାଇ ପୂର୍ବତଟ ଜନ ସମ୍ପର୍କ ଅଧିକାରୀ ନିରାକାର ଦାସ ଯୋଗଦେଇ ଶତବାର୍ଷିକ ଉତ୍ସବ ଉପରେ ଆଲୋଚନା କରିଥିଲେ। ସେହିପରି ଏକ ଶତବାର୍ଷିକ ପାଳନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରଫେସର ବାସନ୍ତୀ ମହାନ୍ତି, ଉପସଭାପତି କବି ନିରାକାର ଦାସ, ବରିଷ୍ଠ ପତ୍ରକାର ଅରୁଣ ପ୍ରସାଦ କାନୁନ୍‌ଗୋ, ସମ୍ପାଦକ କ୍ଷୀରୋଦ ବେହେରା, ସହସମ୍ପାଦକ ଭାବରେ ନିରାକାର ମଥାନ, କୋଷାଧ୍ୟକ୍ଷ ଭାବେ ମହନ୍ତ ଶ୍ରୀନିଗମାନନ୍ଦ ଦାସଙ୍କୁ ଦାୟିତ୍ୱ ନିର୍ବାହ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ନିମନ୍ତ୍ରିତ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## କାର-ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

ଡେରାବିଶ, ୧୦।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଖମୋଳ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ଗୁରୁତର ହୋଇଛନ୍ତି। ମଙ୍ଗଳବାର ଅପରାହ୍ଣରେ ରାଜନଗରରୁ ଭୁବନେଶ୍ୱର ଅଭିମୁଖେ ଏକ କାର ଯାଉଥିବା ବେଳେ ବିପରୀତ ଦିଗରୁ ୨ ବାଇକ୍ ଖୁବ୍ ଜୋରରେ ଆସି କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୩ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ମହାକାଳପଡ଼ା ବ୍ଲକ କରଞ୍ଜି ଗ୍ରାମର ଅଭିରାମ ସେଠୀ(୧୯) ଓ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନପୁର ଗ୍ରାମର ସର୍ବେଶ୍ୱର ବେହେରା(୫୩) ବୋଲି ଜଣାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ଅଭିରାମ ସାଲେପୁର ଅଞ୍ଚଳର ଏକ ଘରୋଇ କଲେଜରେ ପାଠ ପଢୁଥିବା ବେଳେ ମଙ୍ଗଳବାର ଯୁକ୍ତ ୨ ପରୀକ୍ଷା ଦେଇ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିବା ଜଣାଯାଇଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସଙ୍କଟାପନ୍ନ ଥିବା ଅଭିରାମ ଓ ସର୍ବେଶ୍ୱରଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଡେରାବିଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଗୁଡ଼ିକୁ ଜବତ କରିବା ସହ ଅନୁସନ୍ଧାନ ଜାରି ରଖିଛନ୍ତି। ସୌଭାଗ୍ୟବଶତଃ କାରରେ ଥିବା ୫ ଜଣ ଯାତ୍ରୀ ବର୍ତ୍ତି ଯାଇଛନ୍ତି।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର



ଶିବିରରେ ଯୋଗଦେଇଥିବା ଅତିଥି।

ଡେରାବିଶ, ୧୦।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଚାଲିଥିବା ୮ ଦିନିଆ ବାଳିକା ଆତ୍ମରକ୍ଷା କୌଶଳ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ପ୍ରାଧାପକ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ପ୍ରାଧାପିକା ଡ. ସୁଷମା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପିକା ସ୍ମୃତି ଶ୍ରାବଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅଧାପିକା ମୀନାକ୍ଷୀ ପ୍ରଧାନ, ସୁକନ୍ୟା ମହାନ୍ତି, ଝରାଶ୍ରୀ ପରିଜା, ସ୍ମୃତିରେଖା ପଣ୍ଡା, ମନୀଷା ଦାସ, ଜ୍ୟୋତିର୍ମୟୀ ନାଥଶର୍ମା ଓ ଅଧାପକ ଦିବ୍ୟ କୁମାର ଦାଶ ଯୋଗଦେଇ ବାଳିକାମାନେ ଗ୍ରହଣ କରିଥିବା ଶିକ୍ଷାକୁ ସୁବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିକା ସୁଶ୍ରୀ ଅନନ୍ୟା ଲେଙ୍କାଙ୍କ ସମେତ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଅଧାପିକା ମେନକା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଡେରାବିଶ, ୧୦।୩ (ବେବର୍ତ୍ତା ଅଜୟ ଦାସ) : କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ପୁରୁଣା ପେଟ୍ରୋଲ ଟାଙ୍କି ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ପଟ୍ଟାମୁଣ୍ଡାଇ ଥାନା ଖଡିଅନ୍ତା ପଞ୍ଚାୟତ ଆମ୍ଭେର ଗ୍ରାମର ଅରୁଣ ରାୟ (୨୫)। ଅରୁଣ ପଟ୍ଟାମୁଣ୍ଡାଇରୁ କଟକକୁ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ପଛପଟୁ ଧକ୍କା ଦେଇଥିଲା। ଏହି ଗାଡ଼ି ଧକ୍କାରେ ଅରୁଣ ଗୁରୁତର ହୋଇ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛନ୍ତି।

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ: ୨ କୋର୍ଟ ଚାଲାଣ

ତିର୍ତ୍ତୋଲ, ୧୦।୩ (ଗୌରାଙ୍ଗ ଚରଣ ସ୍ୱାଇଁ )

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ଥାନା ଅନ୍ତର୍ଗତ ଅରଡ଼ଙ୍ଗ ଗ୍ରାମର ଅଜୟ ହାତୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କନକପୁରଶାସନ ଗ୍ରାମର ସୁଶାନ୍ତ ପଣ୍ଡା ଓ ପ୍ରଶାନ୍ତ ପଣ୍ଡା। ଏହି ଘଟଣାର ଅନ୍ୟ ଅଭିଯୁକ୍ତ ଫେରାର ଥିବା ଥାନା ତରଫରୁ ସୂଚନା ଦିଆଯାଇଛି। ଅଭିଯୋଗ ମୁତାବକ, ସ୍ଥାନୀୟ କନକପୁରସ୍ଥିତ ବସନ୍ତ ବଗିଚା ଖେଳ ପଡ଼ିଆରେ ଏକ ରାତ୍ରିକାଳୀନ କ୍ରିକେଟ୍‌ମାଚ ଦେଖି ଅଜୟ ଘରୁ ଫେରୁଥିଲେ। ଫେରିବା ବାଟରେ ସୁଶାନ୍ତ ପଣ୍ଡା, ପ୍ରଶାନ୍ତ ପଣ୍ଡା ଓ ଉଦୟ ପଣ୍ଡା ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ବାଟରେ ଅଟକାଇ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଅଜୟଙ୍କ ମୁଣ୍ଡ ସହ ଶରୀର ଅନ୍ୟଭାଗରେ ଗଭୀର ଆଘାତ ଲାଗିଛି। ଏହି ସମୟରେ ଉକ୍ତ କ୍ରିକେଟ ମ୍ୟାଚ ଦେଖି ଫେରୁଥିବା ଅରଡଙ୍ଗର ସଞ୍ଜୟ ହାତୀ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରିଥିଲେ। ଏନେଇ ଆହତ ଅଜୟଙ୍କ ଭାଇ ବିଜୟ ହାତୀ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୫୬/୨୬) ରୁଜୁ କରି ତଦନ୍ତ ଜାରି ରଖିଛି।

## ଧାନ ସଂଗ୍ରହ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୧୦।୩ (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଚଳିତ ବର୍ଷ ଜିଲାର ଖରିଫ ଧାନ ସଂଗ୍ରହ ସମ୍ପର୍କରେ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପାଇଁ ମୋଟ ୧୬,୧୨,୦୦୦ କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିବାବେଳେ ଅଦ୍ୟାବଧି ୧୨,୬୧, ୪୭୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ଏପର୍ଯ୍ୟନ୍ତ ଜିଲାର ୩୭,୩୧୯ ଜଣ ଚାଷୀ ଧାନ ବିକ୍ରୟ କରିସାରିଛନ୍ତି। ଏହି ବର୍ଷ ଜିଲାର ୧୧୮ଟି ସେବା ସମବାୟ ସମିତି ଅଧୀନରେ ୧୨୨ଟି ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ କାର୍ଯ୍ୟ ଚାଲୁ ରହିଛି। ଏହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ଜିଲାର ୨୯ ଜଣ କଷ୍ଟମ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଛନ୍ତି। ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁ ଓ ସମୟୋପଯୋଗୀ ଭାବେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ଆୟର ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି।

## ବାପାଙ୍କ ଜନ୍ମଦିନରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅକ୍ସିଜେନ ମେଶିନ ଦେଲେ ଝିଅ

ଆଳି, ୧୦।୩(ବନମାଳୀ ସେନାପତି )

ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ୬୮ତମ ଜନ୍ମଦିନ ଅବସରରେ ଦେବେନ୍ଦ୍ର ଶର୍ମା ସ୍ମୃତି କମିଟି ପକ୍ଷରୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ବିଦ୍ୟୁତଚାଳିତ ଅକ୍ସିଜେନ ମେଶିନ ଯୋଗାଇ ଦିଆଯାଇଛି। ଦେବେନ୍ଦ୍ରଙ୍କ ଝିଅ ଡା. ଦେବସ୍ମିତା ଶର୍ମା ବାପାଙ୍କ ଜନ୍ମଦିନ ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅକ୍ସିଜେନ ମେଶିନକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ଶୁକ୍ଳାଙ୍କୁ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ଦେବସ୍ମିତାଙ୍କୁ ପ୍ରଶଂସା କରାଯିବା ସହ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସମୟରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଏମ୍‌ଏନ ହାଇସ୍କୁଲ ୧୯୯୦ ବ୍ୟାଚ ବିଦ୍ୟାର୍ଥୀଙ୍କ ଗୁରୁପୂଜନ

ପଟ୍ଟାମୁଣ୍ଡାଇ,୧୦।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଏମ୍‌ଏନ୍ ହାଇସ୍କୁଲ ୧୯୯୦ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁପୂଜନ, ବନ୍ଧୁମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ରଞ୍ଜନ ନାୟକ ଏବଂ ଦେବାଶିଷ ଦାସଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପୂର୍ବତନ ଶିକ୍ଷକ ଖଗେଶ୍ୱର ପରିଡା, କୃଷ୍ଣଚନ୍ଦ୍ର ପଣ୍ଡା, ପରୀକ୍ଷିତ ରାୟ, ସଂଯୁକ୍ତା କୁଣ୍ଡ, ବଳରାମ ବିଶ୍ୱାଳ, ରବୀନ୍ଦ୍ର ସାହୁ, ଚତୃର୍ଭୁଜ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁପୂଜନ ଉତ୍ସବରେ ଛାତ୍ରୀଛାତ୍ର ଗୁରୁମାନଙ୍କ ପାଦପୂଜା କରିବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରୀ ସଂଘମିତ୍ରା ତ୍ରିପାଠୀ, କବିତା ଧଳ, ପୁଷ୍ପାଞ୍ଜଳି ରାଉତ, ଚନ୍ଦନ ପାତ୍ର, ସୁକାନ୍ତ ଦାସ, ରଞ୍ଜନ ନାୟକ ପ୍ରମୁଖ ସ୍କୁଲ ଜୀବନର ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜ୍ଞାନ ରଞ୍ଜନ ପରିଡା, କୁନା ସିଂ ଓ ଗିରିଜା ଶଙ୍କର ସାମଲ ପରିଚାଳନା କରିଥିଲେ।

## ଆଦର୍ଶ ବିବାହ: କନ୍ୟାଙ୍କୁ ୫୧ ହଜାର ଟଙ୍କା ପ୍ରଦାନ

ପଟ୍ଟାମୁଣ୍ଡାଇ, ୧୦।୩ (କଳ୍ପତରୁ ନାୟକ)


ବିବାହ ଉତ୍ସବରେ ଯୋଗଦେଇଥିବା ଅତିଥି।

ଓଡ଼ିଶା ସରକାର କନ୍ୟା ବିବାହ ଯୋଜନା ଅଧୀନରେ ବିବାହ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏ ନେଇ କନ୍ୟାଙ୍କୁ ୫୧ ହଜାର ଟଙ୍କା ସହାୟତା ରାଶି ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି। ହେଲେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ ସାମାଜିକ ଅନୁଷ୍ଠାନ ଶ୍ରୀ ସ୍ୱୟଂପ୍ରଭା ଗଣବିବାହ ସେବା ସମିତି ପକ୍ଷରୁ ଗରିବ ପୁଅ-ଝିଅଙ୍କ ବିବାହ ପାଇଁ ଆର୍ଥିକ ଓ ସାମଗ୍ରୀକ ସହାୟତା ପ୍ରଦାନ କରି ବିବାହ ଆୟୋଜନ, ଆର୍ଥିକ ସହାୟତା ଦେଇ ବର-କନ୍ୟାଙ୍କୁ ବିଦାୟୀ ଦେଇଥିଲେ। ଅଞ୍ଚଳବାସୀ ଏହାର ପ୍ରଶଂସା କରିବା ସହିତ ସଙ୍ଗଠନକୁ ଧନ୍ୟବାଦ ଦେଇଛନ୍ତି।

ପଟ୍ଟାମୁଣ୍ଡାଇ ରାଧାରମଣ ମଠଠାରେ ରବିବାର ଶ୍ରୀସ୍ୱୟଂପ୍ରଭା ଗଣବିବାହ ସେବା ସମିତି ପକ୍ଷରୁ ଏକ ଆଦର୍ଶ ବିବାହ ଆୟୋଜନ କରାଯାଇଥିଲା। ଏଥିରେ ରାଜନଗର ଥାନା ଦାଣ୍ଡି ଗ୍ରାମର ବାବାଜୀ ସେଠୀଙ୍କ ପୁତ୍ର ଅଶୋକ ସେଠୀଙ୍କ ସହିତ ଆଳି ଥାନା ନରେନ୍ଦ୍ରପୁର ଗ୍ରାମର ସର୍ବେଶ୍ୱର ସେଠୀଙ୍କ ଝିଅ ସସ୍ମିତା ସେଠୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ସମିତି ସଭାପତି ସଞ୍ଜୟ ସ୍ୱାଇଁ ଓ ସମ୍ପାଦକ ମିଟୁ ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଦର୍ଶ ବିବାହକୁ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ବିବାହ ଶୁଭାରମ୍ଭ କରିଥିଲେ। ସମିତି ପକ୍ଷରୁ ବର କନ୍ୟାଙ୍କୁ ସମସ୍ତ ଜିନିଷ ପ୍ରଦାନ କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଅତିରିକ୍ତ ତହସିଲଦାର ଦିଲୀପ ନାୟକ, ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ପୌରପରିଷଦ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ନିଶିକାନ୍ତ ପ୍ରଧାନ ଓ ଉପାଧକ୍ଷ ସୁଶାନ୍ତ ଦାସ, ୧୫ ନଂ. ଜୋନ ଜିଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସରକାରୀ ପଦାଧିକାରୀ, ବୁଦ୍ଧିଜୀବୀମାନେ ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ କରିଥିଲେ।

# ଅସୁରକ୍ଷିତ କୀର୍ତ୍ତିରାଜି ପରିପୂର୍ଣ୍ଣ ପାରାଭାଡ଼ି ପାହାଡ଼

■ ଚାଲିଛି ବେଆଇନ ଖନନ
■ ବୌଦ୍ଧ କୀର୍ତ୍ତିରାଜି ନଷ୍ଟ ହୋଇଯିବା ସମ୍ଭାବନା



ପାରାଭାଡ଼ି ପାହାଡ଼କୁ ବେଆଇନ ଭାବେ ଖନନ କରାଯାଉଛି।

**ଚଣ୍ଡିଖୋଲ,୧୦।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ବୌଦ୍ଧ କୀର୍ତ୍ତିରାଜି ପରିପୂର୍ଣ୍ଣ ହୀରକ ତ୍ରିଭୁଜକୁ ଏବେ ୟୁନିସ୍କୋ ତରଫରୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ଏହି ହୀରକ ତ୍ରିଭୁଜ ଅନ୍ତର୍ଗତ କୀର୍ତ୍ତିରାଜି ପରିପୂର୍ଣ୍ଣ ପାରାଭାଡ଼ି ପାହାଡ଼ ଏବେ ଅସୁରକ୍ଷିତ ହୋଇପଡ଼ିଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ବିପୁଳ ଟଙ୍କା ବ୍ୟୟ କରୁଥିବାବେଳେ କେତେଜଣ ମାଫିଆ ଏହି ପାହାଡ଼ ନଷ୍ଟ କରି ବେଆଇନ ଭାବେ ଖନନ କରୁଛନ୍ତି। ପାହାଡ଼ ଖନନ ଦ୍ୱାରା ବୌଦ୍ଧ କୀର୍ତ୍ତିରାଜି ନଷ୍ଟ ହୋଇଯିବା ସମ୍ଭାବନା ସୃଷ୍ଟି ହୋଇଛି।

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ବନ୍ଦରେଶ୍ୱର ନିକଟରେ ରହିଛି ପାରାଭାଡ଼ି ପାହାଡ଼। ଏହି ପାହାଡ଼ ଶୀର୍ଷଦେଶରେ ଖ୍ରୀଷ୍ଟ ପୂର୍ବ ୨ୟ ଶତାବ୍ଦୀର ପ୍ରାଚୀନ ବୌଦ୍ଧ ସ୍ତୁପ ରହିଥିବାରୁ ଏହାକୁ ପାରାଭାଡ଼ି କୁହାଯାଉଛି। ଏହି ସ୍ତୁପର ନାମ ଅନୁସାରେ ପାହାଡ଼ର ନାମକରଣ ହୋଇଛି। ପାହାଡ଼ର ୯୦ ଭାଗ ଯାଜପୁର ଜିଲାର ଦର୍ପଣ ତହସିଲ ଅଧୀନରେ ଥିବାବେଳେ ୧୦ ଭାଗ କଟକ ଜିଲାର ମାହାଙ୍ଗା ତହସିଲ ଅଧୀନରେ ରହିଛି। ପାହାଡ଼ ମାଫିଆଙ୍କ ଲୋଲୁପ ଦୃଷ୍ଟି ଏହି ପାହାଡ଼ ଉପରେ ପଡ଼ିବାରୁ ଏହା ଏବେ ଅସୁରକ୍ଷିତ ହୋଇପଡ଼ିଛି। ଗତ କିଛି ଦିନ ଧରି ବିଳମ୍ବିତ ରାତିରେ ଏହି ପାହାଡ଼ ଖନନ କରି ମୋରମ ଚୋରାଚାଲାଣ କରାଯାଉଛି। ଫେବୃଆରୀ ୨୬ ତାରିଖ ରାତିରେ ବାଲିଚନ୍ଦ୍ରପୁର ପୋଲିସ ଚଢ଼ାଉ କରି ୨ ହାଇୱା ଓ ଗୋଟିଏ ପୋକଲିନ ମେଶିନ ଜବତ କରିଥିଲା। ଜବତ ଗାଡ଼ିଗୁଡ଼ିକୁ ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ପାହାଡ଼ ଦର୍ପଣ ତହସିଲ ଅଧୀନ କେଶରାଇପୁର, ଶୁଖୁଆପଡ଼ା ଓ ବନ୍ଦରେଶ୍ୱର ମୌଜାରେ ରହିଥିବାବେଳେ ଏହାର ୧୦ ଭାଗ ମାହାଙ୍ଗା ତହସିଲ ଅନ୍ତର୍ଗତ ଲଳିତଗିରି ମୌଜାରେ ଅବସ୍ଥିତ।

ତେବେ ଏହି ପାହାଡ଼ ଶୀର୍ଷଦେଶରେ ପାରାଭାଡ଼ି ବୌଦ୍ଧ ସ୍ତୁପଥିବା ବେଳେ ଏହାର କିଛି ଦୂରରେ ପ୍ରାଚୀନ ବୌଦ୍ଧ ଯୁଗୀୟ ତାରା ମୂର୍ତ୍ତି ରହିଛି, ଯାହାକୁ ସ୍ଥାନୀୟ ଲୋକେ ଘଣ୍ଟିଆଣୁଣି ଠାକୁରାଣୀ ଭାବରେ ପୂଜା କରୁଛନ୍ତି। ପାହାଡ଼ ଅପରପାର୍ଶ୍ୱରେ ବୌଦ୍ଧ ଯୁଗୀୟ ଗୁମ୍ଫା ରହିଛି, ଯାହା ହାତୀଖାଲ ଭାବରେ ପରିଚୟ ସୃଷ୍ଟି କରିଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅଧୀନରେ ଏହି ପାହାଡ଼ ରହିଛି। ପାହାଡ଼ ଶେଷ ସୀମାରେ ଅଗ୍ନି ଅବଧୂତ ଲଙ୍ଗୁଳୀ ମଠ ରହିଛି। ପାହାଡ଼ର ୫୦୦ ମିଟର ଦୂରରେ ବୌଦ୍ଧ କୀର୍ତ୍ତିରାଜି ପରିପୂର୍ଣ୍ଣ ଲଳିତଗିରି ବୌଦ୍ଧ ପୀଠ ଅବସ୍ଥିତ। ଯେଉଁଠାରେ ବୁଦ୍ଧଙ୍କ ଅସ୍ଥି ଆବିଷ୍କୃତ ହୋଇ ବୁଲେଟ ପ୍ରୁଫ ସଂଗ୍ରହାଳୟ ମଧ୍ୟରେ ରହିଛି।

୨୦୦୫ରେ ଦର୍ପଣ ତହସିଲ ପକ୍ଷରୁ ପାରାଭାଡ଼ି ପାହାଡ଼ର ଏକ ଅଂଶ ଶୁଖୁଆପଡ଼ା ନିକଟରୁ ପାହାଡ଼ ଖନନ ପାଇଁ ଲିଜସୂତ୍ରରେ ପ୍ରଦାନ କରାଯାଇଥିଲା, ଏହାକୁ ବିରୋଧ କରି ବୌଦ୍ଧଧର୍ମ ସୁରକ୍ଷା ସମ୍ପର୍କିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ବୁଦ୍ଧାୟନ' ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତତ୍କାଳୀନ ଯାଜପୁର ଜିଲାପାଳ ଶାଶ୍ୱତ କୁମାର ମିଶ୍ରଙ୍କ ନେତୃତ୍ୱରେ ଯାଜପୁର ଓ କଟକ ଜିଲାର ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗ, ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା, ପୋଲିସ ଫୋର୍ସ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପାହାଡ଼ର ବିଭିନ୍ନ ସ୍ଥାନ ମାପଚୁପ କରି ରିପୋର୍ଟ ପ୍ରଦାନ କରିଥିଲେ ଯେ, ପାରାଭାଡ଼ି ପାହାଡ଼ଟି ବୌଦ୍ଧ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଥିବାରୁ ଏହାର କୌଣସି ଅଂଶଖନନ କରାଯାଇ ପାରିବନାହିଁ। ଏହାପରେ ୨୦୦୬ରେ ହାଇକୋର୍ଟ ଏହାର କୌଣସି ଅଂଶ ଲିଜ ମଧ୍ୟ ଦିଆଯାଇପାରିବ ନାହିଁ କିମ୍ବା ଖନନ କରାଯାଇ ପାରିବନାହିଁ ବୋଲି ନିର୍ଦ୍ଦେଶ ଦେବା ପରେ ଲିଜ ବାତିଲ ହୋଇଥିଲା। ତେବେ ଏହି ପାହାଡ଼ର ବେଆଇନ ଖନନ ନେଇ ଯାଜପୁର ଜିଲା ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁଠି ବେଆଇନ ଖନନ ହେବ ସେଠାରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାରାଭାଡ଼ି ପାହାଡ଼ରୁ ଜବତ ହୋଇଥିବା ଗାଡ଼ି ବାଲିଚନ୍ଦ୍ରପୁର ଥାନା ପରିସରରେ ରହିଛି। ସେମାନଙ୍କ ଉପରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଛି।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ତଦନ୍ତ

**ରାଜକନିକାସ୍ଥ ଏକ ଇଂଲିଶ ମିଡ଼ିୟମ ବିଦ୍ୟାଳୟର ଛାତ୍ରୀ ବଳାତ୍କାର ଘଟଣା**



ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବାକୁ ଯାଇଥିବା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଟିମ୍।

**କେନ୍ଦ୍ରାପଡ଼ା/ରାଜକନିକା, ୧୦।୩ (ଜଗନ୍ନାଥ ଧଳ/ସଞ୍ଜୟ କୁମାର ଦାଶ):**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳର ଏକ ଘରୋଇ ଇଂଲିଶ ମିଡ଼ିୟମ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକମାନେ ବଳାତ୍କାର କରିବା ଘଟଣାରେ ପରିବାର ପକ୍ଷରୁ ଫେବୃଆରୀ ୧୭ରେ ଜିଲା ଶିଶୁ ମଙ୍ଗଳ କମିଟିରେ ତାଙ୍କ ଝିଅ ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ କରାଯାଇଥିଲା। ରାଜକନିକା ଥାନାରେ ଫେବୃଆରୀ ୨୧ରେ ଏତଲା ହେବା ପରେ ପୋଲିସ ଅଭିଯୁକ୍ତ ୩ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଓ ଜଣେ ପିଅନଙ୍କୁ ଗିରଫ କରି ମାମଲା ରୁଜୁ କରିଥିଲା। ଏହି ଘଟଣାର ତଦନ୍ତ ଦାୟିତ୍ୱ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ଘଟଣାର ୧୭ ଦିନ ପରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ସହ ଜିଲା ଶିକ୍ଷା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଓ ସ୍ଥାନୀୟ ପୋଲିସ ମଙ୍ଗଳବାର ବିଦ୍ୟାଳୟରେ ପହଞ୍ଚି ସାଇନ୍ସ ଲ୍ୟାବ, କ୍ଲାସ ରୁମ, ସ୍କୁଲର ଛାତ ଉପରକୁ ଯିବା ସହ ସିସିଟିଭି ଚାଲୁ ନ ଥିବା ଜାଣିବାକୁ ପାଇଥିଲେ। ଶିଶୁ ଅଧିକାର ସୁରକ୍ଷା ଆୟୋଗ କାର୍ଯ୍ୟାଳୟ ପକ୍ଷରୁ ସ୍କୁଲକୁ ନୋଟିସ କରାଯାଇଥିଲେ ବି ଅଧ୍ୟକ୍ଷଙ୍କ ଅନୁପସ୍ଥିତି ଯୋଗୁ ତଦନ୍ତରେ ବାଧା ସୃଷ୍ଟି ହୋଇଥିବା ପାତ୍ର କହିଛନ୍ତି।

ପାତ୍ରଙ୍କ କହିବା ଅନୁଯାୟୀ, ଏହା ଏକ ସମ୍ବେଦନଶୀଳ ଘଟଣା। ଯେଉଁ ଅଧିକାରୀମାନେ ଏହି ଘଟଣାର ତଦନ୍ତ କରୁଛନ୍ତି, ତାଙ୍କ ସହ ଆଲୋଚନା ମଧ୍ୟ କରାଯାଇଛି। ମେଡ଼ିକାଲ ରିପୋର୍ଟ ବି ଆସିସାରିଛି। ଏହି ଘଟଣାର ସତ୍ୟାସତ୍ୟ ଠିକ୍ ଭାବେ ତଦନ୍ତ କରାଯାଇ ଦୋଷୀମାନଙ୍କୁ କଠିନରୁ କଠିନ ଦଣ୍ଡ ଦିଆଯିବ ବୋଲି କହିଛନ୍ତି। ସ୍କୁଲରେ ଏପରି ଘଟଣା ବହୁତ ଲଜ୍ଜାଜନକ, ଭବିଷ୍ୟତରେ ଏପରି ଘଟଣାର ଯେମିତି କେବେ ପୁନରାବୃତ୍ତି ନ ହେବ, ସେ ବିଷୟରେ ସ୍କୁଲ କର୍ତ୍ତୃପକ୍ଷ ଏବଂ ପୋଲିସ ପ୍ରଶାସନ କିପରି ଦୃଷ୍ଟି ଦେବେ ସେ ନେଇ ଆଲୋଚନା କରିବେ ବୋଲି ଜଣାଇଛନ୍ତି। ପରେ ପୀଡ଼ିତାଙ୍କ ଗାଁକୁ ଯାଇ ତାଙ୍କ ପରିବାରକୁ ଭେଟିବା ସହ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ଶୁଭସ୍ମିତା ତ୍ରିପାଠୀ, ରାଜକନିକା ବିଇଓ ରତିକାନ୍ତ ସେନାପତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଚାଇଲ୍ଡ ହେଲ୍ପ ଲାଇନ ଜିଲା ସଂଯୋଜକ ସାଇନି ପରିଡ଼ା, ଡିଏସ୍‌ପି ବବିତା ଦଳେଇ ପ୍ରମୁଖ ଉପସ୍ଥିତ ରହି ତଦନ୍ତ କରିଥିଲେ। ରାଜକନିକାରୁ ଟିମ୍ ଫେରି କେନ୍ଦ୍ରାପଡ଼ା ସହର ନିକଟ ଜିଲା ସର୍କିଟ ହାଉସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ଆୟୋଗ ଅଧ୍ୟକ୍ଷା ପାତ୍ର, ଜିଲାପାଳ ରଘୁରାମ ଆର. ଆୟର, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଜିଲା ଶିଶୁ ସୁରକ୍ଷା ଅଧ୍ୟକ୍ଷା ପାତ୍ରଙ୍କ ସହ ପୀଡ଼ିତା ଛାତ୍ରୀଙ୍କୁ ଥଇଥାନ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଙ୍କୁ ସାମାଜିକ ସୁରକ୍ଷା ଓ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ଆୟୋଗ ଅଧ୍ୟକ୍ଷା ପାତ୍ର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆୟୋଗ ସଦସ୍ୟା ସୁଜାତା ନାୟକ, ଲିଗାଲ ଅଫିସର ଓମ୍ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସାଙ୍ଗ ଛୁରାମାଡ଼ରେ ସାଙ୍ଗ ଗୁରୁତର

**ମାର୍ଶାଘାଇ,୧୦।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ସାଙ୍ଗ ହୋଇ ବୁଲୁଥିଲେ, ଖେଳୁଥିଲେ, ଏକାଠି ବସାଉଠା କରୁଥିଲେ। ମାତ୍ର ସାମାନ୍ୟ ଆକ୍ଷେପ, ପ୍ରତି ଆକ୍ଷେପ ଯୋଗୁ ଜଣକ ଛୁରା ମାଡ଼ରେ ମଙ୍ଗଳବାର ଅନ୍ୟ ଜଣେ ସାଙ୍ଗ ଗୁରୁତର ହୋଇଛନ୍ତି। ଏଭଳି ଏକ ଘଟଣା ପାଟକୁରା ଥାନା ତଥା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପରକୁଳା ପଞ୍ଚାୟତର ନାରାୟଣପୁର ଗ୍ରାମରେ ଘଟିଛି। ନାରାୟଣପୁର ଗ୍ରାମର କମଳାକାନ୍ତ ବେହେରାଙ୍କ ପୁଅ ଚନ୍ଦନ (୧୬) ଓ ବୁଲୁ ପରିଡ଼ାଙ୍କ ପୁଅ ବାବୁନା (୧୬) ଉଭୟ ସାଙ୍ଗ। ଚଳିତବର୍ଷ ଉଭୟେ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ମଧ୍ୟାହ୍ନରେ ଦୁଇ ସାଙ୍ଗ ଗ୍ରାମ ନିକଟ ଚିତ୍ରୋତ୍ପଳା ନଦୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଆକ୍ଷେପ ପ୍ରତି ଆକ୍ଷେପ ହୋଇଥିଲା। ଏହି ସମୟରେ କ୍ରୋଧ ଜର୍ଜରିତ ବାବୁନା ଶୀଘ୍ର ନଦୀରୁ ଘରକୁ ଆସି ଏକ ବାଇକ୍ ଯୋଗେ ନଦୀ କୂଳକୁ ଯାଇଥିଲେ। ଏହି ସମୟରେ ଚନ୍ଦନ ଗାଧୋଇ ନଦୀବନ୍ଧ ଉପରକୁ ଉଠୁଥିଲେ। ହଠାତ୍ ବାବୁନା ଏକ ଛୁରିରେ ଚନ୍ଦନଙ୍କ ପେଟକୁ ଭୁସି ଦେଇଥିଲେ। ଚନ୍ଦନଙ୍କ ଚିତ୍କାର ଶୁଣି ଲୋକମାନେ ରୁଣ୍ଡ ହୋଇଯିବାରୁ ସେ ବାଇକ୍ ଛାଡି ଦୌଡ଼ି ପଳାଇଥିଲେ। ପରିବାର ଲୋକ ଚନ୍ଦନଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହ ତଦନ୍ତ ଜାରି ରଖିଛି।

# କନିଷ୍ଠ ଯନ୍ତ୍ରୀଙ୍କ ପିସି ନେବା ଭିଡିଓ ଭାଇରାଲ

**ମାର୍ଶାଘାଇ, ୧୦।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )**

ମାର୍ଶାଘାଇ ବ୍ଲକର କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି ସବୁ କାମରେ ପିସି ନେଉଛନ୍ତି। ପିସି ନ ଦେଲେ ବିଲ୍ କରୁନାହାନ୍ତି ବୋଲି ଜଣେ ସୂଚନା ଅଧିକାର କର୍ମୀ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଟଙ୍କା କାରବାରର ଏକ ଭିଡିଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଭିଡିଓରେ ଦେଖାଯାଉଛି ଯେ, ଜଣେ ସରପଞ୍ଚ ଉକ୍ତ କାର୍ଯ୍ୟାଳୟରେ ଟଙ୍କା ଗଣୁଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତିଙ୍କୁ ପଚାରିବାରେ, ଉକ୍ତ ସରପଞ୍ଚଙ୍କ ପଞ୍ଚାୟତରେ କୌଣସି ନୂଆ କାମ ହେଉନାହିଁ କି ଫାଇଲ ଖୋଲାଯାଇନାହିଁ। ସେ ଟଙ୍କା ଗଣୁଥିଲେ, ମାତ୍ର ମୋତେ ଦେଇନାହାନ୍ତି, ପିସି ନେବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

# ଚାଷୀଙ୍କ ଜମାଖାତାରୁ ଋଣ ଟଙ୍କା ଆତ୍ମସାତ୍

**ପଟ୍ଟାମୁଣ୍ଡାଇ,୧୦।୩ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ସମ୍ପାଦକ ଚାଷୀଙ୍କ ନାଁରେ ଆସିଥିବା ଋଣ ଅର୍ଥକୁ ଠକେଇ କରିଥିବା ସାଂଘାତିକ ଅଭିଯୋଗ ହୋଇଛି। ଚାଷୀ ଜାଣିବା ପୂର୍ବରୁ ସମ୍ପାଦକ ଋଣ ଟଙ୍କା ଏକ ଚେକ୍ ମାଧ୍ୟମରେ ଉଠାଇ ନେଇଛନ୍ତି। ଏ ନେଇ ଗରିବ ଚାଷୀ ଜାନୁଆରୀରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୨୧/୨୬ ମାମଲା ବିଏନଏସ୍ ଧାରା ୩୧୮(୪) (ଆଇପିସି ୪୨୦) ରୁଜୁ କରିଛି। ଏହାକୁ ୨ ମାସ ବିତିଥିଲେ ମଧ୍ୟ ତଦନ୍ତକାରୀ ଅଧିକାରୀ କେବଳ ମାମଲା ରୁଜୁ କରି ସେପରି କୌଣସି ପଦକ୍ଷେପ ନ ନେଇଥିବାରୁ ଗରିବ ଚାଷୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୋଲିସର ଏଭଳି କାର୍ଯ୍ୟକଳାପକୁ ଆଇନଜୀବୀ ପ୍ରଦୀପ

**ସମ୍ପାଦକଙ୍କ ନାମରେ ଠକେଇ ମାମଲା**

ଦାଶ ଘୋର ନିନ୍ଦା କରିବା ସହିତ ୭ ବର୍ଷ ଦଣ୍ଡ ବିଧାନ ଓ ଜରିମାନା ଥିବା ଧାରା ଉପରେ ପୋଲିସ ବିନା ୱାରେଣ୍ଟରେ ଅପରାଧୀଙ୍କୁ ଜାମିନ ବିହୀନ ଗିରଫ କରିପାରିବ ବୋଲି କହିଥିଲେ।

ଅଭିଯୋଗ ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ଚଢେୟା ଗ୍ରାମର ଚାଷୀ ସୁଧୀର କୁମାର ଜେନା ୨୦୨୫ ସେପ୍ଟେମ୍ବରରେ ଶ୍ୟାମସୁନ୍ଦରପୁର ପାକ୍ସରୁ ୩୬ ହଜାର ଟଙ୍କା ଋଣ କରିଥିଲେ। ଏହି ଟଙ୍କା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖାରେ ଥିବା ତାଙ୍କ ଜମାଖାତାକୁ ଆସିଥିଲା। ହେଲେ ସେ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ଜମାଖାତାରେ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ଶାଖା ପରିଚାଳକଙ୍କୁ ପଚାରିବାରୁ ଚେକ୍ ନଂ. ୪୬୩୭୯୩ରେ ସମ୍ପାଦକ ତପନ କୁମାର ସ୍ୱାଇଁ ଟଙ୍କା ଉଠାଇ ନେଇଥିବା ଜାଣିବାକୁ ପାଇଥିଲି। ମାତ୍ର ଉକ୍ତ ନମ୍ବରର ଚେକ୍ କିଷାନ କ୍ରେଡିଟ କାର୍ଡ କରିବାକୁ ସମ୍ପାଦକଙ୍କୁ ଦେଇଥିଲେ। ଏ ସମ୍ପର୍କରେ ସେ ସମ୍ପାଦକ ତପନ କୁମାର ସ୍ୱାଇଁଙ୍କୁ ପଚାରିଥିଲେ। ମାତ୍ର ତାଙ୍କ ପାଖକୁ ଦୀର୍ଘଦିନ ଯିବା ପରେ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ବରଂ ସମିତି ପକ୍ଷରୁ ଧମକ ଚମକ ପାଇଥିଲେ। ପରେ ସେ ଏହି ଘଟଣାକୁ ନେଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶ୍ୟାମସୁନ୍ଦରପୁର ପାକ୍ସର ସମ୍ପାଦକ ପରିଚାଳନା କମିଟି ଚକ୍ରାନ୍ତ କରି ତାଙ୍କ ଋଣ ଟଙ୍କା ଉଠାଇ ନେଇଥିବା ସେ ଅଭିଯୋଗ କରିଛନ୍ତି। ମାତ୍ର ମାମଲାକୁ ୨ ମାସ ବିତିଯିବାକୁ ବସିଥିଲେ ମଧ୍ୟ ଋଣ ଅର୍ଥ ପାଖକୁ ଆସିଲା ନାହିଁ। ଅନ୍ୟପକ୍ଷରେ ଚାଷ ପାଇଁ ଟଙ୍କା ଆବଶ୍ୟକ ଥିବାବେଳେ ଅର୍ଥାଭାବରୁ ସେପରି ଫସଲ ହୋଇପାରିଲା ନାହିଁ। ଏବେ ମାମଲା ବିଚାରାଧୀନ ଅଛି ବୋଲି ଚାଷୀ ସୁଧୀର କହିଛନ୍ତି।

# ଗୋବରୀ କୂଳରୁ ମତ୍ସ୍ୟଜୀବୀଙ୍କୁ ଝାମ୍ପିନେଲା କୁମ୍ଭୀର

**ଉଦ୍ଧାର ପାଇଁ ଅଗ୍ନିଶମ, ବନ ବିଭାଗ, ଗ୍ରାମବାସୀଙ୍କ ପ୍ରୟାସ**



ନିଖୋଜ ଦେବ କୁମାର ମଣ୍ଡଳ।



ଅଗ୍ନିଶମ ବାହିନୀ, ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ନଦୀରେ ଖୋଜାଖୋଜି କରୁଛନ୍ତି।

**ମହାକାଳପଡ଼ା,୧୦।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଡଲକଣି ପଞ୍ଚାୟତ କାଂଶପାଳ ମୌଜା ଗୋବରୀ ନଦୀ ସଂଲଗ୍ନ ୫୦ ନଂ. ପ୍ଲଟ ନିକଟରେ ମଙ୍ଗଳବାର ଭୋର ୫ଟାରେ ଭଉଁରି ଜାଲ ପକାଇବା ବେଳେ କୁମ୍ଭୀର ଜଣେ ମତ୍ସ୍ୟଜୀବୀଙ୍କୁ ଝାମ୍ପି ନେଇଛି। ଏହି ମୌଜାର ଦେବ କୁମାର ମଣ୍ଡଳ (୪୮) ଜାଲ ପକାଇବା ପାଇଁ ନିକଟ ଗୋବରୀ ନଦୀକୁ ଯାଇଥିଲେ। ସାମୁଦ୍ରିକ ଜୁଆର ଛାଡ଼ି ଯାଇଥିବାବେଳେ ନଦୀକୂଳ ତଳକୁ ଯାଇ ପାଣିରେ ଭଉଁରି ଜାଲ ଟାଣି ଟାଣି ଆଣିବା ସମୟରେ ହଠାତ କୁମ୍ଭୀର ନଦୀ ମଧ୍ୟକୁ ଝାମ୍ପିନେଇ ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କେବଳ ଜାଲକୁ ପାଣିରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଛନ୍ତି। ଖବରପାଇ ଜମ୍ବୁ ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ମିଳିତ ଭାବେ ଡଙ୍ଗା ଓ ବୋଟ୍ ସାହାଯ୍ୟରେ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଅପରାହ୍ନରେ ମହାକାଳପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା ମତ୍ସ୍ୟଜୀବୀ ଦେବଙ୍କ କୌଣସି ପତ୍ତା ମିଳିନାହିଁ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ନିଖୋଜ ମତ୍ସ୍ୟଜୀବୀ ଦେବଙ୍କ ସ୍ତ୍ରୀ ସରସ୍ୱତୀ ଓ ପୁଅ ପତିତୋଷ ଘଟଣାସ୍ଥଳରେ ପହଞ୍ଚି ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଗ୍ରାମବାସୀ ଏହି ନିଖୋଜ ମତ୍ସ୍ୟଜୀବୀ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଅପରପକ୍ଷରେ ଏହି ଗୋବରୀ ନଦୀରେ ବଡ଼ କୁମ୍ଭୀର ଆତଙ୍କ ସୃଷ୍ଟି କରିଥିବା ଗ୍ରାମବାସୀ ଦୀର୍ଘଦିନ ଧରି ବନ ବିଭାଗରେ ଅଭିଯୋଗ କରିଥିଲେ। ନଦୀଘାଟ କୂଳ ଏକ ଯୋରି ନାଳିରେ କୁମ୍ଭୀର ଆଡ୍ଡା ଜମାଇଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ନଦୀକୂଳିଆ ଅଞ୍ଚଳର ଲୋକମାନେ ସଚେତନ ରହିବାକୁ ବନ ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରେ ନିଖୋଜ ମତ୍ସ୍ୟଜୀବୀ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଜିଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ଅନୁଦାନ ପ୍ରଦାନ ପାଇଁ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଁଓକରଙ୍କୁ ପଚାରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଛି। ବିଭାଗ ପକ୍ଷରୁ ଘଟଣା ସମ୍ପର୍କରେ ତଦନ୍ତ ରିପୋର୍ଟ ପରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଭୂତି



@ ଦିଲୀପ



@ ଲିଟୁ



@ ଶିବରାମ



@ ଶୁଭଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କ୍ଷତି ହେଉଥିବା ଚାଷୀ ପାଇଲେନି ବୀମା ଅର୍ଥ

■ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପ୍ରହସନ

■ସମୀକ୍ଷା, ଅନୁଧାନ ପାଇଁ ପ୍ରଶାସନକୁ ଚାଷୀଙ୍କ ଅନୁରୋଧ

ନୟାଗଡ଼, ୧୦।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଚାଷୀର ପିଛା ଛାଡୁନି। ଏପରିସ୍ଥଳେ ସରକାର ଚାଷୀ ଓ ଚାଷକୁ କ୍ଷତିରୁ ରୋକିବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବ୍ୟବସ୍ଥା ଲାଗୁ କରିଛନ୍ତି। ହେଲେ ଚାଷୀ ବୀମା କରି ଫସଲ କ୍ଷୟକ୍ଷତି ହେଲେ ସହାୟତା ପାଉ ନ ଥିବା ଅଭିଯୋଗ ହୋଇ ଆସୁଛି। ବିପର୍ଯ୍ୟୟରେ ଚାଷୀଙ୍କ ଫସଲ ନଷ୍ଟ ହେଉଥିଲେ ମଧ୍ୟ କାହିଁକି ଫସଲ ବୀମା ବାବଦ କ୍ଷୟକ୍ଷତି ଅର୍ଥ ପାଉ ନାହାଁ ତାର ସମୀକ୍ଷା ଓ ଅନୁଧ୍ୟାନ କରାଯାଉ। କେତେ ଚାଷୀ କ୍ଷତିପୂରଣ ପାଉ ନାହାନ୍ତି, କାହିଁକି ପାଉ ନାହାନ୍ତି, ଏଥିପାଇଁ କଣ ଅସୁବିଧା ହେଉଛି ତାର କାରଣ ଖୋଜା ଯାଉ ବୋଲି ଦାବି କରାଯାଇଛି। ଜିଲାପାଳ ଓ ଦିଶା କମିଟି ଅଧ୍ୟକ୍ଷ ଏ ଦିଗରେ ପଦକ୍ଷେପ ନେବା ଦରକାର ବୋଲି ଦାବି ଉଠିଛି।

ଏନେଇ ନୟାଗଡ଼ ବ୍ଲକ ବାଲୁଗାଁର ଚାଷୀ ନରୋତ୍ତମ ଡାକୁଆ କୁହନ୍ତି, ମୁଁ ୧୫ମାଣ ଧାନ ଜମି ଚାଷ କରିଥିଲି, ୨୦୨୪ରେ ମୋର ଶତ ପ୍ରତିଶତ ଫସଲ ଉଜୁଡିଗଲା। ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବାରୁ ଆଶା ରଖିଥିଲି କିଛି ତ ପାଇଯିବି। ହେଲେ ଆଶା ଆଶାରେ ରହି ରହିଗଲା। ଟୋଲ ଫିରେ ନଂରେ ଅଭିଯୋଗ କରିଥିଲି। ହେଲେ କ୍ଷେତ୍ର ପରିଭ୍ରମଣ ପାଇଁ କେହି ଆସି ନ ଥିଲେ। ନୟାଗଡ଼ ତହସିଲଦାର ନିଜେ ଆସି ମୋ ଜମିର ଫଟୋ ଉଠାଇ ନେଇଥିଲେ, ତଥାପି ବି କିଛି ହେଲାନି। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ସରକାରୀ ସହାୟତା ମିଳିବ, ହେଲେ ତାହା ବି ସ୍ୱପ୍ନ ହୋଇଗଲା। ତେବେ ତହସିଲଦାରଙ୍କୁ ବାରମ୍ବାର ଦେଖା ହେବା ପରେ ୫ ହଜାର ସହାୟତା ଦେଲେ। ୫ ହଜାର ଟଙ୍କା ପାଇ ମନ ବୁଝାଇବାକୁ ପଡିଲା ବୋଲି କ୍ଷୋଭର ସହ କହିଛନ୍ତି। ରଣପୁର ବ୍ଲକ ଲତାର ଗାଁର ଚାଷୀ ଗୋବିନ୍ଦ ଚନ୍ଦ୍ର କହଲ ସିଂ କୁହନ୍ତି, ମୁଁ ମଧ୍ୟ ଫସଲ ବୀମା ଯୋଜନାରେ ପ୍ରିମିୟମ ରାଶି ଜମା କରିଥିଲି। ଫସଲ ଉଜୁଡିଗଲା ବୋଲି ଟ୍ରୋଲ ଫ୍ରିରେ ନାଁ ପଞ୍ଜୀକରଣ କରିଥିଲି। ହେଲେ ସହାୟତା ମିଳିଲା ନାହିଁ। ମୋ ପରି ମୋ ଗାଁର ଗୋପାଳ ଚନ୍ଦ୍ର ସାମନ୍ତରାୟ, ହାଲୁରୀ ପ୍ରଧାନଙ୍କ ପରି ୧୫ରୁ ଊର୍ଦ୍ଧ୍ୱ ଚାଷୀ କ୍ଷତିପୂରଣ ପାଇ ନାହାନ୍ତି। ଆମ ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ଆଶା କ୍ଷତିପୂରଣ ଦେବାକୁ ୨୦୨୪ରେ ଘୋଷଣା କରିଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ସରକାରୀ ଅନୁଦାନ ଘୋଷଣାରେ ରହିଗଲା ବୋଲି କହିଛନ୍ତି।

ଓଡଗାଁର ଚାଷୀ ଭାଗବତ ପରିଡା କୁହନ୍ତି, ମୁଁ ୧୪ମାଣ ଜମି ଚାଷ କରିଥିଲି। ୨୦୨୪ର ଅଦିନିଆ ବର୍ଷା ମୋର ସବୁ ଫସଲ ଉଜାଡି ଦେଇଥିଲା। ବୀମା କରି ସୁଫଳ ପାଇଲି ନାହିଁ କହି କ୍ଷୋଭ ଦର୍ଶାଇଛନ୍ତି। ଖଣ୍ଡପଡାର ସୂର୍ଯ୍ୟମଣି ଜେନା କୁହନ୍ତି, ମୋ ପରି ମୋଗା ଓ ଆଖପାଖ ଅଞ୍ଚଳର ୫୦ ଚାଷୀ ବୀମା କରି ଫସିଛନ୍ତି। ପ୍ରତିବର୍ଷ ବୀମା କରୁଛୁ। ହେଲେ କ୍ଷତି ହେଲେ ବୀମା ଅର୍ଥ ମିଳୁ ନାହିଁ। ଆମ ଦୁଃଖ ବୁଝିବାକୁ କେହି ନାହାନ୍ତି ବୋଲି କହିଥିଲେ। ନୟାଗଡ଼ ବାଲୁଗାଁର ଚାଷୀ ରଣଜିତ ଦଳବେହେରା କୁହନ୍ତି, ମୋର ୨୦୨୪ ଖରିଫ ଋତୁରେ ଧାନ ଫସଲ କ୍ଷୟକ୍ଷତିର ବୀମା ବାବଦ ଅର୍ଥ ପାଇ ପାରିନାହିଁ। ଟୋଲ ଫ୍ରୀରେ ନାମ ପଞ୍ଜୀକରଣ କଲି ହେଲେ ତଦନ୍ତ କରିବାକୁ ବୀମା କମ୍ପାନୀର କେହି ଆସିଲେ ନାହିଁ। ବୀମା କମ୍ପାନୀର କାର୍ଯ୍ୟାଳୟ ଜିଲାର କେଉଁଠାରେ ନ ଥିବା ଜାଣିବାକୁ ପାଇଲି। ବୀମା ଅର୍ଥ ପାଇ ନ ଥିବାରୁ ମୁଁ ଚୁପ ଚାପ ହୋଇ ବସି ନାହିଁ। ପୂର୍ବରୁ ଅନେକ ଥର ଅଭିଯୋଗ କରି ଆସିଛି। ଏବେ ପୁଣି ଗତ ୨ ତାରିଖରେ ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇ ପୁଣି ଅଭିଯୋଗ କରି ଆସିଛି। ଜିଲାରେ ବୀମା କମ୍ପାନୀର କାର୍ଯ୍ୟାଳୟ ନ ଥିବା ମଧ୍ୟ ଜଣାଇଛି। ପରେ ଜିଲାପାଳ ମୋ ଆଗରେ ଜିଲା କୃଷି ବିଭାଗକୁ ଫୋନ କରି ବୀମା ଅର୍ଥ କାହିଁକି ମିଳୁନି, ବୀମା କର୍ମଚାରୀ କ୍ଷେତ୍ର ପରିଭ୍ରମଣ କାହିଁକି କରୁ ନାହାନ୍ତି ବୋଲି ପଚାରିଥିବା କହିଛନ୍ତି।

# ନୂଆ ରାସ୍ତା ନିର୍ମାଣକୁ ନେଇ ଉତ୍ତେଜନା



ଉତ୍ତ୍ୟକ୍ତ ଲୋକଙ୍କୁ ତହସିଲଦାର ବୁଝାଶୁଝା କରୁଛନ୍ତି।

ନୟାଗଡ଼, ୧୦।୩(ଲୋକନାଥ ମିଶ୍ର)

## ଖମାରସାହି ଗାଁ ଲୋକଙ୍କ ରାସ୍ତା ଅବରୋଧ

ନୟାଗଡ଼ ଟାଉନ ଥାନାର ମଙ୍ଗରାଜପୁରଠାରୁ ଖମାରସାହି ଦେଇ ହାଟଦ୍ୱାରକୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ସଯୋଗ ହେଉଥିବା ରାସ୍ତା ନିର୍ମାଣକୁ ନେଇ ମଙ୍ଗଳବାର ପ୍ରାୟ ୨ ଘଣ୍ଟା ଧରି ଉତ୍ତେଜନା ଦେଖା ଦେଇଥିଲା। ଖମାରସାହି ଲୋକ ଖମାରସାହିଠାରେ ରାସ୍ତା ଅବରୋଧ କରିବା ଫଳରେ ମଙ୍ଗରାଜପୁର ଲୋକ ଯାତାୟାତରେ ଅସୁବିଧା ହୋଇଥିଲା। ଖବର ପାଇ ନୟାଗଡ଼ ତହସିଲଦାର ରାଜେଶ କୁମାର ସ୍ୱାଇଁ ଓ ଟାଉନ ଥାନା ଆଇଆଇସି ଘଟଣା ସ୍ଥଳରେ ପହଞ୍ଚି ଖମାରସାହି ଓ ମଙ୍ଗରାଜପୁର ଲୋକଙ୍କୁ ବୁଝାଇଥିଲେ। ହେଲେ କିଛି ସୁଫଳ ମିଳିନଥିଲା। ପରେ ମଙ୍ଗରାଜପୁର ବାଲୁଙ୍କେଶ୍ୱର ଶିବ ମନ୍ଦିରରେ ଉଭୟ ଗାଁ ଲୋକଙ୍କୁ ନେଇ ଆଲୋଚନା କରାଯାଇ ରାସ୍ତା ବିବାଦର ସମାଧାନ କରାଯାଇଛି। ରାସ୍ତା ଉଭୟ ପାର୍ଶ୍ୱରେ ପ୍ରଶସ୍ତୀକରଣ କରାଯିବାକୁ ନିଷ୍ପତି ହୋଇଥିବା ଟାଉନ ଥାନା ଆଇଆଇସି କହିଛନ୍ତି। ଅନ୍ୟପକ୍ଷେ ଖମାରସାହି ଗାଁ ମୁଣ୍ଡରେ ପଡିଥିବା କ୍ୟାବିନି ହଟାଯିବ ବୋଲି କହିଛନ୍ତି।

ପ୍ରକାଶଯେ, ମଙ୍ଗରାଜପୁରଠାରୁ ଖମାରସାହି ଦେଇ ହାଟଦ୍ୱାରକୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥରେ ସଯୋଗ ହେଉଥିବା ରାସ୍ତା ନୂଆ କରି ନିର୍ମାଣ ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ଚାଲିଛି। ଗୋଟିଏ ପାର୍ଶ୍ୱକୁ ମଡାଇ କେବଳ ପ୍ରସସ୍ତୀକରଣ କରାଯାଉଥିବା ବେଳେ ଅନ୍ୟ ପାର୍ଶ୍ୱ ରାସ୍ତାକୁ ଜାଣି ଶୁଣି ଛାଡି ଦିଆଯାଉଛି। ଏଭଳି ଘଟଣାକୁ ନେଇ ଉତ୍ତେଜନା ଦେଖା ଯିବା ସହ ରାସ୍ତାରୋକୋ ହୋଇଥିଲା। ରାସ୍ତା ନିର୍ମାଣ ଯୋଗୁ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ସ୍ଥାନାନ୍ତର ହେଉଛି। ଉଭୟ ଗାଁ ମଧ୍ୟରେ ବିବାଦ ବଢ଼ିବା ପରେ ଖମାରସାହି ଲୋକ ବିଦ୍ୟୁତ୍ କାମକୁ ବନ୍ଦ କରାଇ ଦେଇଥିଲେ। ଏଣୁ ପ୍ରାୟ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ମଙ୍ଗରାଜପୁର ଗାଁରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ରହିଥିଲା। ଉଭୟ ଗାଁ ମଧ୍ୟରେ ସମାଧାନ ପରେ ମଙ୍ଗରାଜପୁର ଗାଁରେ ବିଦ୍ୟୁତ୍ ଜଳିଥିଲା।

# ବିଳମ୍ବିତ ରାତିରେ ଦୁର୍ବୃତ୍ତ ବୁଲାଇଲେ କଳାକନା

ଭାପୁର, ୧୦।୩ (ପ୍ରଭାତ ବରାଡ)

ଫତେଗଡ ଥାନା ଅନ୍ତର୍ଗତ ବିଜିପୁର ଓ ପଥରଚକଡା ପଞ୍ଚାୟତରେ ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ କଳାକନା ବୁଲାଇଛନ୍ତି। ବିଜିପୁର ଗ୍ରାମର ଶିକ୍ଷାବିତ୍ ଯୋଗୀନାଥ ପଟ୍ଟନାୟକଙ୍କ ବାଡ଼ି ପଟ ଗ୍ରୀଲ ତାଡି ଘରେ ପଶି ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଆସବାବପତ୍ର ଚୋରି କରି ନେଇଥିବା ବେଳେ ତାଙ୍କର ପଡୋଶୀ ଅରୁଣ କୁମାର ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ଯୋଗୀ ଜେନା, ବାବୁଲି ଦାସ, ସନ୍ତୋଷ କୁମାର ଜେନା ଓ ଭିକ ପରିଡାଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। କିଛି ଦିନ ତଳେ ଭିକ ତାଙ୍କର ବଡ଼ପୁଅ ବିବାହ କରିଥିଲେ ଗୋଟିଏ ରାତିରେ ଗୋଟିଏ ଗ୍ରାମରୁ ୭ ଗୋଟି ଘରୁ ଚୋରି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପରିବାର ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ କଳାକନା ବୁଲାଇଥିଲେ। ଫତେଗଡ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ ଚାଲୁ ରଖିଥିବା ସୂଚନା ମିଳିଛି। ସେହିପରି ସେହି ରାତିରେ ପଥରଚକଡା ପଞ୍ଚାୟତ ଅଧୀନ ମାଧପୁର ଗ୍ରାମରେ ତିନୋଟି ଘରୁ କଳାକନା ବୁଲାଇଥିବା ସୂଚନା ମିଳିଛି।

ସେହିପରି ରବିବାର ଭଗବାନପୁର ପଞ୍ଚାୟତ ଅଧୀନ ବେତଖୋଲ ଗ୍ରାମର ମୁଣ୍ଡମଥାଳି ପାହାଡ ଉପରେ ଥିବା ନୂତନ ହନୁମାନ ମନ୍ଦିରରୁ ହୁଣ୍ଡି ଦାନବାକ୍ସ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସୋମବାର ମନ୍ଦିର ପୂଜକ ବନମାଳୀ ମିଶ୍ର ମନ୍ଦିରକୁ ପୂଜା କରିବା ପାଇଁ ଯିବାବେଳେ ହୁଣ୍ଡି ଦାନବାକ୍ସ ଭଙ୍ଗା ଯାଇଥିବା ଦେଖି ମନ୍ଦିର କମିଟିକୁ ଜଣାଇଥିଲେ। ମନ୍ଦିରର ପ୍ରତିଷ୍ଠାତା ବସନ୍ତ କୁମାର ନାୟକ ଏନେଇ ଫତେଗଡ ଥାନାରେ ଅଭିଯୋଗ କରିଛନ୍ତି ।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ



ଅଜୟ ବେହେରା ।

ଖଣ୍ଡପଡା, ୧୦।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ରୟତି ଢୋଲମରା ପଞ୍ଚାୟତ କୁଟୁକୁଣୀ ଗ୍ରାମ ବନ୍ଧ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ନିକଟସ୍ଥ ବରପଲ୍ଲୀ ଗ୍ରାମର ଅଜୟ ବେହେରା(୨୧)ଙ୍କର ମୃତ୍ୟୁ ହୋଇଛି। ଅଜୟ ବାଇକ ଯୋଗେ ଗାଁକୁ ଫେରୁଥିବା ବେଳେ ବିପରିତ ଦିଗ ଗଣିଆ ପଟୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତା କଡକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ବାସିନ୍ଦା ଓ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପ୍ରଥମେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପରବର୍ତ୍ତୀ ସମୟରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଭୁବନେଶ୍ୱରସ୍ଥିତ ୬ ନଂ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ।

# କୂଅରେ ପଡ଼ିଥିବା ବୃଦ୍ଧାଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ



ବୃଦ୍ଧାଙ୍କୁ କୂଅରୁ ଉଦ୍ଧାର କରାଯାଉଛି ।

ଦଶପଲ୍ଲା, ୧୦।୩
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନା ଅନ୍ତର୍ଗତ ତେଣ୍ଡାବାଡି ଗ୍ରାମରେ ସୋମବାର ଜଣେ ୬୦ ବର୍ଷୀୟା ବୃଦ୍ଧା ହଠାତ୍ ଏକ ଗଭୀର କୂଅ ମଧ୍ୟକୁ ଖସିପଡିଥିଲେ। ଖବର ପାଇ ଦଶପଲ୍ଲା ଅଗ୍ନିଶମ ବାହିନୀ ବୃଦ୍ଧାଙ୍କୁ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ତେଣ୍ଡାବାଡି ଗ୍ରାମର ବିଶିକା ନାୟକ (୬୦) ସୋମବାର କୌଣସି କାରଣବଶତଃ କୂଅ ଭିତରକୁ ଖସି ପଡିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦଶପଲ୍ଲା ଅଗ୍ନିଶମ ବାହିନୀର ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ଉଦ୍ଧାର କରିଥିଲେ। ବର୍ତ୍ତମାନ ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡିଛି।

# ପୋଲିସ ଉପସ୍ଥିତିରେ ପରୀକ୍ଷା, ୩ ଅନୁପସ୍ଥିତ

## ଗଣିଆ ବେଲପଡ଼ାପାଟଣା ସ୍କୁଲ ବନ୍ଦ ଘଟଣା

ନୟାଗଡ଼/ଗଣିଆ, ୧୦।୩(ଲୋକନାଥ ମିଶ୍ର/ସନ୍ତୋଷ କୁମାର ପ୍ରଧାନ)

ଛାତ୍ର ମୃତ୍ୟୁ ଘଟଣାରେ ୩୪ ଦିନ ଧରି ତାଲା ଝୁଲୁଥିବା ନୟାଗଡ଼ ଜିଲା ଗଣିଆ ବ୍ଲକ ବେଲପଡ଼ାପାଟଣା ସରକାରୀ ପ୍ରାଥମିକ ସ୍କୁଲରେ ମଙ୍ଗଳବାର ବାର୍ଷିକ ପରୀକ୍ଷା ପୋଲିସ ଉପସ୍ଥିତିରେ କରାଯାଇଛି। ପୂର୍ବରୁ ସ୍କୁଲରେ ତାଲା ଝୁଲୁଥିବାରୁ ଛାତ୍ରୀଛାତ୍ର ବେଲପଡ଼ାପାଟଣା ହାଇସ୍କୁଲରେ ପରୀକ୍ଷା ଦେଉଥିଲେ। ତେବେ ମଙ୍ଗଳବାରଠାରୁ ଆଉ ହାଇସ୍କୁଲକୁ ପରୀକ୍ଷା ଦେବାକୁ ଯିବାକୁ ପଡ଼ିନି। ଅନ୍ୟପକ୍ଷେ ମଙ୍ଗଳବାର ୫୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ଅଛନ୍ତି। ଗତ ୯ ତାରିଖ ସୋମବାର ୨ଜଣ ଅନୁପସ୍ଥିତ ଥିଲେ। ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ିବାର କାରଣ ଜଣା ପଡି ନ ଥିଲେ ହେଁ ଘରକୁ ଯାଇ ଅଭିଭାବକଙ୍କୁ ଭେଟି ଝିଅ ପୁଅ ପରୀକ୍ଷା ଦେବାକୁ ଶିକ୍ଷକ ବୁଝାଇ ଆସିଥିବା ଜଣାପଡିଛି। ତେବେ ଅସବର୍ଣ୍ଣ ଛାତ୍ରୀଛାତ୍ର ସ୍କୁଲକୁ ଆସି ପରୀକ୍ଷା ଦେଉଛନ୍ତି। ପ୍ରକାଶ ଯେ, ଫେବୃଆରୀ ୩ରେ ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଲ୍ଲିକ ଶୌଚ ହେବାକୁ ଯାଇ ସ୍କୁଲକୁ ଫେରି ନ ଥିଲେ। ଛାତ୍ର ସ୍କୁଲକୁ ନ ଆସିବାର କାରଣ ନ ଖୋଜି ତାଙ୍କ ବ୍ୟାଗକୁ ସହପାଠୀଙ୍କ ହାତରେ ଘରକୁ ଶିକ୍ଷୟିତ୍ରୀ ପଠାଇ ଦେଇଥିଲେ। ଫେବୃଆରୀ ୪ରେ ଛାତ୍ର ଭୋଳାନାଥଙ୍କ ମୃତଦେହ ଏକ କୁଆରୁ ଉଦ୍ଧାର ହେବା ପରେ ଉତ୍ତେଜନା ସୃଷ୍ଟି ହେବା ସହ ଆନ୍ଦୋଳନକାରୀ ସ୍କୁଲରେ ତାଲା ପକାଇ ଦେଇଥିଲେ। ସେହିଭଳି ଗଣିଆ-ଦଶପଲ୍ଲା ଓ ଗଣିଆ-କଣ୍ଟିଲୋ ରାସ୍ତା ଅବରୋଧ କରି ନ୍ୟାୟ ମାଗିଥିଲେ। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ୨ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଥିଲା। ଫେବୃଆରୀ ୪ରୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ସ୍କୁଲରେ ତାଲା ଝୁଲି ରହିଥିଲା। ଗତ ୯ ତାରିଖ ସେମବାର ଜିଲାପାଳ ମଧୁମିତା ରଥ ଓ ଏସପି ଏସ.ସୁଶ୍ରୀଙ୍କ ଉପସ୍ଥିତିରେ ପୋଲିସ ତାଲା ଭାଙ୍ଗି ପାଠପଢ଼ା ଆରମ୍ଭ କରାଇଥିଲା।



ଛାତ୍ରାଛାତ୍ରମାନେ ସ୍କୁଲରେ ପରୀକ୍ଷା ଦେଉଛନ୍ତି ।

# ୨୬ ଜଣଙ୍କ ସ୍ଥାନରେ ଅଛନ୍ତି ମାତ୍ର ୨ ଡାକ୍ତର

## ସ୍ଥାଣୁଗୁଳି ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା

## ଭୁଶୁଡି ପଡ଼ିଲାଣି ସ୍ୱାସ୍ଥ୍ୟ ସେବା, ରୋଗୀ ହନ୍ତସନ୍ତ

ନୂଆଗାଁ, ୧୦।୩(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନେକ ସମସ୍ୟା ଭିତରେ ରହିଛି। ଏଠାରେ ନୂତନ ଗୃହ ନିର୍ମାଣ ପାଇଁ ସରକାର ଅନୁଦାନ ଦେଇଥିଲେ ମଧ୍ୟ ତାହା ହୋଇପାରୁନି। ଆବଶ୍ୟକ ମୁତାବକ କର୍ମଚାରୀ ନିଯୋଜିତ ନ ହେବା ଏକ ବଡ଼ ସମସ୍ୟା ରହିଛି।

ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୪ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ଦେଖିଲେ ଅନ୍ୟ ୪ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ସହଜରେ ଅନୁମାନ କରାଯାଇପାରିବ। ସ୍ୱାସ୍ଥ୍ୟ ବିଭାଗ ସବୁବେଳେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣଦେଖା କରି ଆସୁଥିବା ଅଭିଯୋଗ ହେଉଛି।

ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଅନ୍ୟ ୪ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୨୬ ଜଣ ଡାକ୍ତର ରହିବା କଥା, କିନ୍ତୁ ମାତ୍ର ୨ ଜଣ ଏମ୍‌ବିବିଏସ୍ ଡାକ୍ତର ଅଛନ୍ତି। କୌଣସି ବିଭାଗର ଜଣେ ବି ବିଶେଷଜ୍ଞ ନାହାନ୍ତି। ସର୍ଜରି, ମେଡିସିନ, ପେଡିଆଟ୍ରିକ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକରେ ଡାକ୍ତର ପଦବୀ ଖାଲି ପଡ଼ିଛି। ପ୍ରସୂତି ଓ ସ୍ତ୍ରୀ ବିଶେଷଜ୍ଞ ନ ଥିବାରୁ ମହିଳାମାନେ ହଇରାଣ ହେଉଛନ୍ତି, ଏଠାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମାସକୁ ୨୦୨୫ ପ୍ରସୂତିଙ୍କୁ ପ୍ରସବ କରାଯିବାକୁ ଥିବାବେଳେ ତାହା ବର୍ତ୍ତମାନ ୭-୮ ଜଣରେ ସୀମିତ ରହୁଛି। ଡାକ୍ତରଖାନାରେ ଏମ୍‌ବିବିଏସ୍ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାଧାରଣ ଚିକିତ୍ସା ନ ଦେଇ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଏ। କିନ୍ତୁ ସେଠାରେ ସମାନ ଅବସ୍ଥା ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ଅନେକ ସମୟରେ ଚିକିତ୍ସା ଅଭାବରୁ ଜୀବନହାନିଘଟୁଥିବା ଅଭିଯୋଗ ହେଉଛି। ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଡିମିରିପଲି ଓ ବାହାଡ଼ାଖୋଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନବୀକରଣ କରାଯାଇଥିଲେ ମଧ୍ୟ ସେଠାରେ ଆବଶ୍ୟକ ଓ ଆନୁଷଙ୍ଗିକ ଚିକିତ୍ସା ମିଳୁ ନ ଥିବା ଅଭିଯୋଗ ହେଉଛି।




ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉନାହିଁ। ବର୍ତ୍ତମାନ ୧୬ଟି ଶଯ୍ୟା ରହିଥିବା ବେଳେ ସେଠାରେ ଅଧିକ ଶଯ୍ୟାର ଆବଶ୍ୟକ ପଡୁଛି। ୬ ଜଣ ଷ୍ଟାଫନର୍ସଙ୍କ ସ୍ଥାନରେ ମାତ୍ର ୩ ଜଣ ଅଛନ୍ତି। ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଲାଗି ଅନେକ ଗର୍ଭବତୀ ଏବଂ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ବେସରକାରୀ ମେଡିକାଲ ଉପରେ ନିର୍ଭର କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ନୂଆଗାଁ ବ୍ଲକରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଖାଲି ପଦବୀ ପୂରଣ ସହ ରହିଥିବା ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ଦାବି ହେଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ତେଣୁ ସ୍ୱାସ୍ଥ୍ୟ ବିଭାଗର ଏଭଳି ନୀରବତାକୁ ସାଧାରଣରେ ନିନ୍ଦା କରାଯିବା ସହ ତୁରନ୍ତ ସମାଧାନ କରା ନ ଗଲେ ସାରା ବ୍ଲକର ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଥିବା ସୂଚନା ମିଳୁଛି। ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କୁହାଯାଉଥିବା ବେଳେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ତା' ଅଧୀନରେ ଥିବା ୪ଟି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଦେଖିଲେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୁଏ। ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ସମସ୍ୟା ବାବଦରେ ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବୀପ୍ରସାଦ ପ୍ରଧାନଙ୍କୁ ପଚାରିବାରେ ସମସ୍ୟା ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ସମସ୍ୟା ସମାଧାନ ପାଇଁ ସମସ୍ତେ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଭୂତି



@ ଦିଲୀପ



@ ଲିଟୁ



@ ଶିବରାମ



@ ଶୁଭଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

